୧-୭ ମାର୍ଚ୍ଚ , ୨୦୨୬

ସକାଳ
THE SAKALA

ବିନୁଗ୍ରା

ରବିବାର

ଋତୁରାଜ

- ଋତୁରାଜ ବସନ୍ତ
- ବସନ୍ତର ସୁଶୋଭିତ ଫୁଲ
- ଉତ୍କଳୀୟ ପର୍ବପର୍ବାଣି
- କବିତାରେ ବସନ୍ତ
- ବସନ୍ତ ବ୍ୟାଧି

ପ୍ରେମ ଓ ଫଗୁଣର ଋତୁ ବସନ୍ତ । ଋତୁରାଜ ବସନ୍ତର ଆଗମନରେ ନବପଲ୍ଲବ ବୃକ୍ଷଲତା ବର୍ଣ୍ଣିଳ ଓ ଆକର୍ଷଣୀୟ ଦିଶନ୍ତି । ବିଭିନ୍ନ ପ୍ରଜାତିର ଫୁଲର ସମ୍ଭାରରେ ମଣ୍ଡିତ ହୋଇଥାଏ ବୃକ୍ଷରାଜି । ପଳାଶ ଫୁଲର ସୌନ୍ଦର୍ଯ୍ୟ ଆନମନା କରିଦିଏ । ପୁଣି ପେଛା ପେଛା ଆମ୍ବ ବଉଳର ବାସ୍ନା ମନକୁ ମତୁଆଲା କରେ । ମୃଦୁ ମଳୟ ପବନ ସାଙ୍ଗକୁ କୋଇଲିର କୁହୁ ତାନ ମନରେ ଭରିଦିଏ ପୁଲକ । ଏସବୁ ସୂଚନା ଦିଏ ଋତୁରାଜ ବସନ୍ତର ଶୁଭ ଆଗମନ । ବସନ୍ତର ସ୍ପର୍ଶରେ ଚତୁର୍ଦ୍ଦିଗ ଲାଗେ ପ୍ରେମମୟ । ମନ ଓ ହୃଦୟକୁ ପୁଲକିତ କରେ ପ୍ରେମର ବାସ୍ନା । ପ୍ରକୃତିର ଏହି ମଧୁର ପରଶରେ ମନୁଷ୍ୟ, ପଶୁ, ପକ୍ଷୀ ସମସ୍ତେ ଫୁର୍ତ୍ତି, ସକ୍ରିୟ ଓ ଆନନ୍ଦ ଅନୁଭବ କରନ୍ତି । କବି, ଲେଖକ ଓ ଭାବୁକଙ୍କ ଲେଖନୀ ଚଳଚଞ୍ଚଳ ହୋଇଉଠେ । ବିଭିନ୍ନ କାବ୍ୟ,କବିତା, ଗୀତରେ ଋତୁରାଜ ବସନ୍ତର ବର୍ଣ୍ଣନା ଅତ୍ୟନ୍ତ ଚିତ୍ତାକର୍ଷକ । ସେହିପରି ବସନ୍ତରେ ବାକ୍‌ଦେବୀ ମା' ସରସ୍ୱତୀଙ୍କ ପୂଜାଠାରୁ ଆରମ୍ଭ କରି ଦୋଳ ପୂର୍ଣ୍ଣିମା, ହୋଲି, ଅଶୋକାଷ୍ଟମୀ, ରାମ ନବମୀ, ପଣା ସଂକ୍ରାନ୍ତି ଆଦି ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ । ବସନ୍ତ ଋତୁରେ ରଙ୍ଗର ପର୍ବ ହୋଲି ପାଇଁ କୃଷ୍ଣଙ୍କ ଲୀଳାଭୂମି ମଥୁରା ତଥା ବୃନ୍ଦାବନ ବେଶ୍ ପ୍ରସିଦ୍ଧ । ମଥୁରା-ବୃନ୍ଦାବନରେ ହୋଲି ଉତ୍ସବ ମହାଆଡ଼ମ୍ବର ସହକାରେ ଆନନ୍ଦ, ଉଲ୍ଲାସରେ ପାଳିତ ହୋଇଥାଏ । ସେହିପରି ପଶ୍ଚିମବଙ୍ଗର ଶାନ୍ତିନିକେତନ 'ବସନ୍ତ ଉତ୍ସବ' ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଛି । ବୈଚିତ୍ର୍ୟମୟ ବସନ୍ତ ଋତୁକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : **ଋତୁରାଜ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

କେମିତି କଟିବ ସପ୍ତାହ

ମେଷ
ରବି, ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।

ବୃଷ
ରବି,ସୋମବାରରେ ବ୍ୟସ୍ତତା ମଧ୍ୟରେ ରହିବେ । ପାରିବାରିକ କାର୍ଯ୍ୟରେ ଫସି ରହିବେ । ମଙ୍ଗଳ, ବୁଧ, ଗୁରୁବାରରେ ନୂତନ ଚିନ୍ତା ନେଇ ଆଗକୁ ବଢ଼ିବେ । ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନଲଗାଇବେ ।

ମିଥୁନ
ରବି, ସୋମବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ । ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ,ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଶୁକ୍ର,ଶନିବାରରେ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇ ସଠିକ୍ ମାର୍ଗ ଅନୁସରଣ କରିବେ ।

କର୍କଟ
ରବି, ସୋମବାରରେ ପାରିବାରିକ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି । ମଙ୍ଗଳ, ବୁଧ, ଗୁରୁବାରରେ ନୂତନ ନିବେଶ କରି ଲାଭାନ୍ୱିତ ହେବେ । ବ୍ୟବସାୟ ସମ୍ବନ୍ଧରେ ଦୂରଯାତ୍ରା କରିବେ । ଶୁକ୍ର,ଶନିବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରୀ ହେବେ ।

ସିଂହ
ରବି,ସୋମବାରରେ ବିଭିନ୍ନ କ୍ଷେତ୍ରରୁ ସାହାଯ୍ୟ ପାଇବେ । ପରିସ୍ଥିତି ସହ ଖାପଖୁଆଇ ଚଳିବେ । ମଙ୍ଗଳ, ବୁଧ,ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବ । ବ୍ୟବସାୟ ପ୍ରସାରିତ ହୋଇପାରେ । ଶୁକ୍ର,ଶନିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ଯାଇପାରେ ।

କନ୍ୟା
ରବି,ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିପାରେ । ମଙ୍ଗଳ, ବୁଧ,ଗୁରୁବାରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର,ଶନିବାରରେ ଅଭାବ ଓ ଅସୁବିଧା ଦେଖାଦେଇପାରେ ।

ତୁଳା
ରବି,ସୋମବାରରେ ନିଜ ପ୍ରତିଭାର ପ୍ରଦର୍ଶନ କରିବେ । ଦୀର୍ଘ ଦିନର ଯୋଜନାରେ ସଫଳତା ପାଇବେ । ମଙ୍ଗଳ, ବୁଧ,ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଅର୍ଥହାନିର ଶିକାର ହୋଇପାରନ୍ତି । ଶୁକ୍ର,ଶନିବାରରେ ସମାଜରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ ।

ବିଛା
ରବି, ସୋମବାରରେ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ । ମଙ୍ଗଳ, ବୁଧ,ଗୁରୁବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଦେଖାଦେଇ ପାରେ । ଅର୍ଥହାନି ଯୋଗ ରହିଛି । ଶୁକ୍ର,ଶନିବାରରେ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜି ରହିବେ । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ କରିବେ ।

ଧନୁ
ରବି,ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧ,ଗୁରୁବାରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ । ଶୁକ୍ର,ଶନିବାରରେ ଅର୍ଥ ଆଗମନର ସୂଚନା ପାଇବେ । ନୂତନ ନିବେଶ ପାଇଁ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ ।

ମକର
ରବି,ସୋମବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟକରି ଅସୁସ୍ଥ ମନେ କରିବେ । ଶୁକ୍ର,ଶନିବାରରେ ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ପାଇବେ ।

କୁମ୍ଭ
ରବି,ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ବଳରେ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।

ମୀନ
ରବି,ସୋମବାରରେ ସାମାଜିକ ସମାବେଶରେ ସାହାଯ୍ୟ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି ।

ଋତୁରାଜ ବସନ୍ତ

ଋତୁଚକ୍ର ଅନୁସାରେ ଫାଲଗୁନ ଓ ଚୈତ୍ର ଦୁଇମାସ ହେଉଛି ବସନ୍ତ ଋତୁ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- "ମୁଁ ଋତୁମାନଙ୍କ ଭିତରେ କୁସୁମାକର ବସନ୍ତ ।" ଏହା ବସନ୍ତ ଋତୁର ଶ୍ରେଷ୍ଠତାକୁ ସୂଚାଏ । ଏହି ଶ୍ରେଷ୍ଠତା ହିଁ ବସନ୍ତକୁ 'ଋତୁରାଜ' ଆଖ୍ୟା ଦେଇଛି । ମହାକବି କାଳିଦାସଙ୍କର ପ୍ରସିଦ୍ଧ କୃତି ହେଉଛି 'ଋତୁସଂହାର' । 'ସଂହାର'ର ଅର୍ଥ ସଂଗ୍ରହ ବା ସଂକଳନ । ଏହା ଋତୁମାନଙ୍କର ବର୍ଣ୍ଣନାର ସଂକଳନ । ସମଗ୍ର ସଂସ୍କୃତ ସାହିତ୍ୟରେ ଏହା ହେଉଛି ପ୍ରଥମ ରଚନା- ଯେଉଁଥିରେ ଆମ ଦେଶ ଭାରତବର୍ଷରେ ଅନୁଭୂତ ହେଉଥିବା ଛଅଟି ଯାକ ଋତୁର ସ୍ୱତନ୍ତ୍ର ରୂପ ବର୍ଣ୍ଣିତ ହୋଇଛି । ଏହାର ଆରମ୍ଭ ଗ୍ରୀଷ୍ମ ଋତୁରୁ ଏବଂ ଶେଷ ବସନ୍ତ ଋତୁରେ । ଗ୍ରୀଷ୍ମରୁ ବସନ୍ତ ପର୍ଯ୍ୟନ୍ତ ଛଅଟି ସର୍ଗରେ ଏହି ଛଅ ଋତୁର ବର୍ଣ୍ଣନା ଅତ୍ୟନ୍ତ ସରଳ ଶୈଳୀରେ ବର୍ଣ୍ଣନା କରାଯାଇଛି । ଷଷ୍ଠ ସର୍ଗରେ ବର୍ଣ୍ଣିତ ହୋଇଛି ବସନ୍ତଋତୁର ସ୍ୱରୂପ । ପ୍ରିୟାକୁ ସମ୍ବୋଧନ କରି କବି ଏହାକୁ ବର୍ଣ୍ଣନା କରିଛନ୍ତି । ବସନ୍ତ ଋତରେ ପ୍ରକୃତି ହୋଇଉଠେ ବର୍ଣ୍ଣିଳ । ଗଛରୁ ପତ୍ର ଝଡ଼ି ନୂଆ ପତ୍ର କଅଁଳି ଉଠେ । ବିଭିନ୍ନ ଫୁଲର ସମ୍ଭାରରେ ପରିବେଶ ରଙ୍ଗିନ ଓ ଆକର୍ଷଣୀୟ ଲାଗେ । ବୈଚିତ୍ର୍ୟମୟ ବସନ୍ତ ଋତୁକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।

ପଣ୍ଡିତ ଦୈତ୍ୟାରି ମହାପାତ୍ର

ଗଛରୁ ପତ୍ର ଝଡ଼ିବା ବସନ୍ତର ଶୁଭାଗମନର ସଂକେତ । ସତେ ଯେମିତି ଗଛଲତାରେ ନୂତନ କଅଁଳିଆ ପତ୍ର ବସନ୍ତ ଋତୁକୁ ସ୍ୱାଗତ ଜଣାଇବା ପାଇଁ ସଜେଇ ହୋଇଥାଏ । ଋତୁରାଜଙ୍କ ଆଗମନରେ ଧରାପୃଷ୍ଠ ରୂପେ ଚୈତାଳିରେ ବିଭୂଷିତ ହୋଇ କୋଟି କୋଟି ଜନପ୍ରାଣରେ ଭରିଦିଏ ଉନ୍ମାଦନା, ଉଲ୍ଲାସ । ଧରଣୀରାଣୀ ନବ ନବ ବସ୍ତ୍ର ପରିଧାନ କରେ । ସେତେବେଳେ ନ ଥାଏ ଭୋକ, ନ ଥାଏ ଶୋଷ, ଥାଏ କେବଳ ଆନନ୍ଦ ଆଉ ଆନନ୍ଦ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପ୍ରକୃତିରାଣୀ ପରିପୂର୍ଣ୍ଣ ହୋଇଥାଏ । ଦେଖଣାହାରୀର କୋଟି ଜନ୍ମର ଦୁଃଖ ଅଫୁରନ୍ତ ଲାଘବ ହୋଇ ତା'ର ହୃଦୟକନ୍ଦରରେ ଶାନ୍ତି, ମୈତ୍ରୀ ଏବଂ ଅଫୁରନ୍ତ ଆନନ୍ଦ ଖେଳାଇ ନୂତନ ଦିଗ୍‌ଦର୍ଶନ ପାଇଁ ପ୍ରେରଣା ଯୋଗାଇଥାଏ । ଏହା ସହିତ ବିଦଗ୍ଧ ସ୍ୱର ରାଗିଣୀରେ କୁହୁକ ପଞ୍ଚମ ତାନରେ ସଙ୍ଗୀତ ଗାନ କରେ । ବୃକ୍ଷ ଲତା ନବ ଯୌବନପ୍ରାପ୍ତ ହୋଇଥାନ୍ତି । ପୁଷ୍ପ ଗୁଚ୍ଛର ସୁଗନ୍ଧଭରା ତଥା ବାସନ୍ତିକ ରୂପ ଲାବଣ୍ୟରେ ପଲ୍ଲୀ ଭୂମି ସୌନ୍ଦର୍ଯ୍ୟମୟ ହୋଇଉଠେ । ମନକାମନାର ଉପବନରେ ପ୍ରସ୍ଫୁଟିତ ହୁଏ ଚୈତାଳିର ମୃଦୁ ମୃଦୁ ବାସ୍ନା । ଭ୍ରମରର ଚୁମ୍ବନରେ ପୁଷ୍ପଗୁଡ଼ିକ ଦୋଳାୟମାନ ଅବସ୍ଥାରେ ଦିବସ ବିତାଇଥାନ୍ତି । କାରଣ ଭ୍ରମରର ଲକ୍ଷ୍ୟ ମଧୁପାନ କରି ଉନ୍ମତ୍ତ ହେବା । ରଙ୍ଗବେରଙ୍ଗର ପ୍ରଜାପତି ସେମାନଙ୍କର ଡେଣାକୁ ପ୍ରସାରିତ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି ବୁଲନ୍ତି ।

ପ୍ରେମ-ପ୍ରଣୟ ଓ ଯୌବନର ଋତୁ

ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣନା ଅନୁଯାୟୀ, ବସନ୍ତ ଋତୁର ଆଗମନରେ ବୃକ୍ଷମାନେ ଫୁଲରେ ଭରିଉଠନ୍ତି । ହେମନ୍ତର ଶିଶିରରେ ନାଶ ଯାଇଥିବା ପଦ୍ମ ପୁଣି ଫୁଟି ହସିଉଠେ । ନାରୀମାନଙ୍କ ମନରେ କାମନାବାସନା ଜାଗ୍ରତ ହୁଏ । ପବନରେ ଫୁଟା ଫୁଲର ବାସ ଚହଟେ । ସନ୍ଧ୍ୟା ସୁଖକର ହେବା ଆରମ୍ଭ ହୁଏ । ଏହିପରି ଭାବରେ ବସନ୍ତର ବର୍ଣ୍ଣନା କରି ମହାକବି କାଳିଦାସ ଲେଖିଛନ୍ତି- "ହେ ପ୍ରିୟେ! ବସନ୍ତ ଋତୁରେ ପ୍ରତ୍ୟେକ ବସ୍ତୁ ପୂର୍ବାପେକ୍ଷା ଅଧିକ ସୁନ୍ଦର ହୋଇଥାଏ । ବସନ୍ତ ଋତୁ ଜଳାଶୟର ଜଳକୁ, ମଣିରେ ନିର୍ମିତ ମେଖଳାକୁ, ଚନ୍ଦ୍ରମାର ଚାନ୍ଦିନୀକୁ, ନାରୀମାନଙ୍କୁ ଏବଂ ଆମ୍ର ବୃକ୍ଷକୁ ସୌନ୍ଦର୍ଯ୍ୟ ପ୍ରଦାନ କରେ । ଏପରି କୌଣସି ବସ୍ତୁ ଅଛି କି- ଯାହା ବସନ୍ତରେ ରମଣୀୟ ହୁଏ ନାହିଁ!" ଏହି ବର୍ଣ୍ଣନା ମାଧ୍ୟମରେ ମହାକବି କାଳିଦାସ ଯାହା ଅଭିବ୍ୟଞ୍ଜିତ କରିବାକୁ ଚାହିଁଛନ୍ତି, ତାହା ହେଉଛି- ଆମେ ମଧ୍ୟ ଏହାର ପ୍ରେରଣାରେ ଆମର ଜୀବନକୁ ଚିର ବସନ୍ତରେ ପରିଣତ କରିପାରିବା ।

ବସନ୍ତ ସ୍ପନ୍ଦନ କୋଇଲି କୁଞ୍ଜନ
ହୃଦୟ ଖୋଜଇ ପ୍ରେମ ପରଶ,
ବୀର ବାଦ୍ୟ ବାଜେ ସ୍ନେହ ପ୍ରୀତି ଖୋଜେ
ପାଇବାକୁ ଟିକେ ବିଭୁ ସ୍ପରଶ ।

ଆମ୍ର କୁଞ୍ଜେ ବକୁଳର ଆବେଗିକ ଆମନ୍ତ୍ରଣରେ ସମ୍ମୋହିତ ହୋଇଉଠେ ବସନ୍ତ ଋତୁ । ଅଧୀର ହୋଇ ଅନେଇଥାଏ ବାଗ୍‌ଦେବୀଙ୍କ ଲାଳିତ୍ୟ ଭଙ୍ଗୀର ଆଗମନୀକୁ ।

ମନୋରମ ପ୍ରକୃତି

କେତେ ବୁଭୁକ୍ଷୁ, କେତେ ଦୁଃଖୀରଙ୍କିଙ୍କ ପ୍ରାଣରେ ପିଣ୍ଡ ସଞ୍ଚରିତ ହୁଏ ଏହି ବସନ୍ତର ଆଗମନରେ । ନିରବତା ପ୍ରାଣକୁ ବିଦଗ୍ଧ ଲାଭାରେ ରୂପାୟିତ କରେ ବସନ୍ତର କୁହୁତାନ । କୋକିଳ କଣ୍ଠରେ ନୂତନ ମାଦକତା ଭରି ଫେରେ ଏଇ ଋତୁରାଜ ବସନ୍ତ । ଫଳରେ ସ୍ଥାବର ଜଙ୍ଗମ, କୀଟ, ପତଙ୍ଗ, ବୃକ୍ଷରାଜି, ତରୁଲତା, ବନାନୀ ସମସ୍ତ ପ୍ରାଣୀ ଜଗତ, ଉଦ୍ଭିଦଜଗତ ପ୍ରଭୃତି ଉନ୍ମତ୍ତ ହୁଅନ୍ତି । ସତେ କି ଅନନ୍ତ ଲୀଳା ସାଗରରେ ସକଳ ପ୍ରାଣୀଜଗତ ଆନନ୍ଦ, ଉଲ୍ଲାସ, ଉଦ୍ଦୀପନାର ବିଭୋର ହୋଇପଡ଼ନ୍ତି । ସକଳ ପ୍ରାଣୀ ବସନ୍ତର ଅମୋଦରେ ଆମୋଦିତ ହୁଅନ୍ତି ଏବଂ କୋଇଲିର କୁହୁକୁହୁ ତାନ, ମଳୟର ଶୀତଳ ସ୍ପର୍ଶ ଏବଂ ପରିମଳର ସୁଗନ୍ଧରେ ଏମାନେ ମନରେ ଶିହରଣ ଖେଳାଇ ନୂତନ ସନ୍ଧାନ ଦେଇଥାନ୍ତି । ଶୀତର ପ୍ରକୋପ ନ ଥାଏ । ଫଳରେ କର୍ମ କରିବାର ଅଫୁରନ୍ତ ଆଶାର ଅସୁମାରୀ ସ୍ୱପ୍ନ ଖେଳିଯାଏ । ବସନ୍ତର ପରଶରେ ପଲ୍ଲୀରେ ଅନେକ ତରୁଣ ତରୁଣୀ ପରସ୍ପର ମଧ୍ୟରେ ନବ ଯୌବନରେ ବିମୋହିତ ହୋଇ ସାରା ଜୀବନ ଏକାଠି ରହିବାକୁ କଥା ଦେଇଥାନ୍ତି ।

ବିଦ୍ୟାଦାତ୍ରୀଙ୍କ ଆବାହନୀ ହେଲା ମାତ୍ରେ ଧରାପୃଷ୍ଠକୁ ଓହ୍ଲାଇ ଅଶାନ୍ତି ପ୍ରେମମୟ ପୁରୁଷ ବସନ୍ତ । ସେଇଠାରୁ ଆରମ୍ଭ ହୁଏ ସର୍ବତ୍ର ସ୍ନିଗ୍ଧତା ସବୁଜିମାର ସୁନ୍ଦର ସମାବେଶ ସହିତ ମନ୍ଦ ମଳୟର ମତୁଆଲା ସ୍ପର୍ଶ । ବେଶ୍ ବାରିହୁଏ ବସନ୍ତର କୋମଳ ଓ କମନୀୟ କାନ୍ତି । ସୁଖର ପସରା ନେଇ ଆସିଥିବା ବସନ୍ତ, ମନ୍ତ୍ରମୁଗ୍ଧ କରେ ସଭିଙ୍କୁ ଜନସମାଜକୁ, ପ୍ରାଣୀଜଗତକୁ । ସେତିକିବେଳେ ଋତୁରାଜଙ୍କୁ ସ୍ୱାଗତ ବନ୍ଦନା କରେ କଳକଣ୍ଠୀ କୋଇଲି । ମନ ମତାଣିଆ ତା'ର କୁହୁତାନ । ଶିହରୀ ଉଠେ ତନୁ - ମନ - ପ୍ରାଣ । ସତେ ଯେମିତି ଯମୁନା ତଟର ସେଇ କୁହୁକ ବଂଶୀ ସ୍ୱନ; କାନରେ ବାଜିଲା କ୍ଷଣି ଅଥୟ ହେଉଥିଲେ ଗୋକୁଳର ଗୋପୀ ଗୋପାଙ୍ଗନାଗଣ । ଯେମିତି ନାଚି ଉଠୁଥିଲା ଯମୁନାର ପାଣି । କୁହୁକ ବଂଶୀ ସ୍ୱନପରି କୋଇଲିର ସଙ୍ଗୀତ ରାଗିଣୀରେ ଏତେ ମଧୁରତା ଭରି ରହିଥାଏ ଯେ ସ୍ୱୟଂ ରାଧା-କୃଷ୍ଣ ବି ଓହ୍ଲାଇ ଆସୁଥିଲେ ଏହି ମର୍ତ୍ତ୍ୟ ମଣ୍ଡଳକୁ । ଘଣ୍ଟ ଘଣ୍ଟାର ତାଳେ ତାଳେ ମନ ମତାଣିଆ ଗୀତ ଗାନ କରି ପାଲିଙ୍କିରେ ବୁଲି ବୁଲି ଦେଖନ୍ତି ବସନ୍ତର ବର୍ଣ୍ଣାଳୀକୁ ଏବଂ ତା'ର ସେହି ମନଲୋଭା ବିଭାକୁ । ମନ୍ତ୍ରମୁଗ୍ଧ ହୋଇ ଶୁଣନ୍ତି କୋଇଲିର ପଞ୍ଚମ ତାନକୁ । ରକ୍ତିମ ଆଭାରେ ମଣ୍ଡିତ ହୋଇ ପଳାଶ ବୃକ୍ଷ ମଧ୍ୟ ତୋଳି ଧରେ ନିଜ ଚୂଳରେ ବସନ୍ତର ବିଜୟ ଧ୍ୱଜାକୁ । ସାଧନା, ସାନ୍ତ୍ୱନା, ପ୍ରେମ, ପ୍ରଣୟ ଏବଂ ଯୌବନର ସମୟ ହେଉଛି ବସନ୍ତ ।

ଯୌବନ ହେଉଛି ଜୀବନର ବସନ୍ତ । ଯୌବନ ହେଉଛି ତାହା, ଯେଉଁଠି ଥାଏ ସୁନ୍ଦରତା, ପରିପକ୍ୱତା, ବିନୟ ଭାବ ଏବଂ ତନୁ ମନ ମଦିରାର ମଧୁରତା । କବିଙ୍କ କଲମରୁ ଭାସିଆସେ,

ଯହିଁ ବିରାଜିତ ବିନମ୍ର ଭାବ,
ରହି ଶୋଭା କୋମଳ ସମ୍ଭବ ।

ଯୁବ/ଯୁବା ହେଉଛି ସିଏ, ଯିଏ ବଳ-ବୁଦ୍ଧି-ଚରିତ୍ରର ଉପାସକ । ଯିଏ ସୁସ୍ଥ ସମାଜ ଗଠନ କରିବା ପାଇଁ ନିଜକୁ କରିଥାଏ ସମର୍ପିତ । ଯୁବ ମନ ହେଉଛି ସ୍ୱୟମ୍ଭୁ ଶିବ, ଯିଏ ସଦା ସମାଜ ହିତୈଷୀ । ଜଗତର କଲ୍ୟାଣ ନିମନ୍ତେ କେବେ ଗରଳ ପାନ କରିପାରନ୍ତି ତ ଆଉ କେବେ ମସ୍ତକରେ ଧାରଣ କରି ପାରନ୍ତି ଚନ୍ଦ୍ର ଦେବଙ୍କ ସହିତ ପବିତ୍ର ପାବନୀ ଗଙ୍ଗା ମାତାଙ୍କୁ । କେବେ ପ୍ରାଣୀ ଜଗତର ସର୍ବବିଧ ମଙ୍ଗଳ କରନ୍ତି ତ ପୁଣି କେବେ ତାଣ୍ଡବ ରଚିପାରନ୍ତି ଦାନବ ସଂହାର ପାଇଁ । ଯୁବାର ଶୋଭା ହିଁ ସ୍ୱୀକୃତି ଦିଏ ବସନ୍ତର ଆଗମନୀ । ମୃଦୁ ମଳୟ ପ୍ରେମର ମତୁଆଲାରେ ଯୁବ ସମାଜକୁ ଋତୁରାଜ ବସନ୍ତ ସୂଚାଇଦିଏ ସମାଜ ଓ ସଂସାରର ବିକାଶ ନିର୍ଭର କରେ କେବଳ ଯୁବ ସମାଜ ଉପରେ ।

ବସନ୍ତ ଗାଥା

ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ରଚିତ ଏବଂ ୧୯୦୨ ମସିହାରେ ପ୍ରକାଶିତ ଓଡ଼ିଆ କବିତା ପୁସ୍ତକ ହେଉଛି 'ବସନ୍ତ ଗାଥା' । ଏଥିରେ କବି ପ୍ରକୃତିର ସୌନ୍ଦର୍ଯ୍ୟ, ବସନ୍ତ ଋତୁର ଆଗମନ, କୋଇଲିର କୁହୁତାନ ଏବଂ ଫୁଲର ସମାରୋହକୁ ଅତି ଚିତ୍ତାକର୍ଷକ ଭାବେ ବର୍ଣ୍ଣନା କରାଯାଇଛି, ଯାହା ପାଠକଙ୍କ ମନରେ ଆନନ୍ଦ ଓ ନବୀନତାର ଭାବ ଜାଗ୍ରତ କରେ । ଭକ୍ତକବି ଲେଖିଛନ୍ତି -

ଫାଲଗୁନ ଚୈତ୍ର ବସନ୍ତରେ
ମୃଦୁ ମଳୟ ମନ ହରେ ॥

ବସନ୍ତ ଆସିଛି ଆଜି

ପଲ୍ଲୀ ରାଇଜରେ ଋତୁଗୁଡ଼ିକ ଛଅ ଭାଗରେ ବିଭକ୍ତ ହୋଇ ବିଭିନ୍ନ ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରି, ମୁହଁରେ ନାଲି, ନେଳି, ସବୁଜ ରଙ୍ଗ ମାଖି ପ୍ରକୃତି ରାଜ୍ୟରେ ବିଚରଣ କରନ୍ତି । ଛଅଟି ଋତୁ ମଧ୍ୟରେ ଋତୁରାଜ ବସନ୍ତ ଅତୀବ ମର୍ମସ୍ପର୍ଶୀ, ହୃଦୟସ୍ପର୍ଶୀ ଏବଂ ଆନନ୍ଦଦାୟକ । ଫାଲଗୁନ - ଚୈତ୍ର ମାସର ସୁଲୁସୁଲିଆ ପବନ କୋଟି କୋଟି ଜନମନ ପ୍ରାଣକୁ ଚୁମିଥାଏ ତାର ଗୋଲାପି ଓଠର ସ୍ପର୍ଶ ଦେଇ । ପଲ୍ଲୀବାସୀ ସମସ୍ତେ ରାଜ ସୁଖ ଅନୁଭବ କରନ୍ତି ଏଇ ଦୁଇ ମାସ ମଧ୍ୟରେ । ଋତୁରାଜ ବସନ୍ତର ଆଗମନରେ ପୁଷ୍ପ ସୁଗନ୍ଧରେ, ପଲ୍ଲୀର ମହ ମହ ବାସ୍ନାରେ ପଲ୍ଲୀବାସୀ ବିହ୍ୱଳିତ ହୋଇ ପୁଷ୍ପରାଜିର ଅପୂର୍ବ ରୂପ ଯୌବନ ଉପଭୋଗ କରେ ମନମୁଗ୍ଧତାରେ । କବି ରଘୁନାଥ ସେନାପତିଙ୍କ ଭାଷାରେ -

ଦିନ ପରେ ମାସ ଦୁଇ ମାସ ପରେ
ଆସଇ ଯେ ଏକ ଋତୁ ,
ନୂଆ ନୂଆ କରି ରଙ୍ଗ ଭରିଦିଏ
ହସୁଥାଏ ଯେତେ ଭିକ୍ଷୁ ।
ଗ୍ରୀଷ୍ମ ପରେ ବର୍ଷା ତାପରେ ଶରତ
ହେମନ୍ତ ପରେ ଯେ ଶୀତ,
ବସନ୍ତ ଯେ ଆସେ ଋତୁରାଜ ସାଜି
ପଲ୍ଲୀ ହୁଏ ବିମୋହିତ ।

ପର୍ବପର୍ବାଣିର ଉଲ୍ଲାସ

ଋତୁରାଜ ବସନ୍ତର ଆଗମନରେ ବିଭିନ୍ନ ପର୍ବପର୍ବାଣିର ସମାହାର ପଲ୍ଲୀପ୍ରାଣକୁ ବିମୋହିତ କରିଥାଏ । ଫାଲଗୁନ ମାସ ବସନ୍ତ ଋତୁର ପ୍ରଥମ ପାହାଚ । ଏହି ପ୍ରଥମ ପାହାଚରେ ଏକ ବିଶିଷ୍ଟ ପର୍ବ ମହାଶିବରାତ୍ରୀ ବା ଜାଗର ବ୍ରତ ପାଳିତ ହୋଇଥାଏ । ଯାହାକି ରାତ୍ରି ଉଜାଗର ରହି ପଲ୍ଲୀବାସୀ ନିଜର ଅଭୀଷ୍ଟ କାମନା ବାସନାକୁ ସାର୍ଥକ କରିବା ପାଇଁ ଦୀପ ଜାଳିଥାନ୍ତି । ଏହି ବସନ୍ତ ଋତୁରେ ଦୋଳ ଉତ୍ସବ ପାଳନ କରାଯାଏ । କାଷ୍ଠରେ ନିର୍ମିତ ବିମାନରେ ରାଧା କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ସ୍ଥାପନ କରି ଗାଁ ଗାଁ ବୁଲି ଭୋଗ ଖାଆନ୍ତି । ବିଭିନ୍ନ ସ୍ଥାନରେ ଦୋଳ ମେଳଣ ହୁଏ । ସମସ୍ତ ବିମାନ ସେଠାକୁ ଯାଆନ୍ତି । ସେଠାରୁ ବିମାନରେ ଠାକୁର ଘରକୁ ଫେରି ମେଣ୍ଢା ପୋଡ଼ି ପରେ ପରେ ନିଜ ନିଜ ଆସ୍ଥାନକୁ ଫେରନ୍ତି । ଏହା ସହିତ ଏହି ଋତୁରେ ଚୈତନ୍ୟଦେବଙ୍କ ମହୋତ୍ସବ ପାଳିତ ହୁଏ । ସେହିପରି ବସନ୍ତ ଋତୁର ଦ୍ୱିତୀୟ ପାହାଚରେ ଆସେ ଚୈତ୍ର ମାସ । ଏହି ମାସରେ ହୋଲି, ଯାହାକି ରଙ୍ଗ ବେରଙ୍ଗର ଅଭିରରେ ଆବାଳବୃଦ୍ଧବନିତା ରଙ୍ଗିତ ହୋଇ ନବ ଯୌବନରେ ହୋଲି ପର୍ବକୁ ଉପଭୋଗ କରିଥାନ୍ତି । ଏହା ବ୍ୟତୀତ ଅଶୋକାଷ୍ଟମୀ, ଶ୍ରୀରାମ ନବମୀ, ପଣା ସଂକ୍ରାନ୍ତି, ଝାମୁଯାତ୍ରା, ଦଣ୍ଡ ଯାତ୍ରା ଏହି ଋତୁରେ ପାଳିତ ହୁଏ । କୈବର୍ତ୍ତମାନଙ୍କର ପାଇଁ ବସନ୍ତ ଋତୁର ଚୈତ୍ର ପୂର୍ଣ୍ଣିମା ଏକ ପ୍ରଧାନ ପର୍ବ ଭାବରେ ପଲ୍ଲୀବାସୀ ପାଳନ କରିଥାନ୍ତି ।

ନବଚେତନାର ନବଜାଗରଣ

ବସନ୍ତ ଋତୁରେ ଉତ୍କଳର ପଲ୍ଲୀ ପ୍ରକୃତି ନବ ନବ ରୂପରେ ଆବିର୍ଭୂତ ହୋଇ ଜନମାନସକୁ ପୁଲକିତ କରେ । ପଲ୍ଲୀର ପ୍ରକୃତି ଯେ ଶୋଭା ସମ୍ପଦରେ ପରିପୂର୍ଣ୍ଣ ସେତିକି ନୁହେଁ, ଏହା ମଧ୍ୟ ବହୁ ଧନ ସମ୍ପଦରେ ଭରପୂର ହୋଇଉଠେ । ଜନସମାଜ ଉତ୍କଳୀୟ ପଲ୍ଲୀ ପ୍ରକୃତିର ଜୟଗାନ କରିଥାନ୍ତି । ଋତୁରାଜ ବସନ୍ତ ଯଦିଓ ସମସ୍ତଙ୍କଠାରୁ ଭିନ୍ନ କାରଣ ସେ ରାଜାଧିରାଜ ଋତୁରାଜ । ତେଣୁ ଅନ୍ୟ ସମସ୍ତ ଋତୁ ତା'ର ବନ୍ଧୁ । ପଲ୍ଲୀବାସୀ, ପ୍ରକୃତିର ସେ ହିଁ କେବଳ ରାଜ ମର୍ଯ୍ୟାଦା ରକ୍ଷା କରିଥାଏ, ରାଜ ରାଜେଶ୍ୱର ଭୋଗ କରିଥାଏ । ବସନ୍ତ ଋତୁର ପଦ ସ୍ପର୍ଶରେ ପଲ୍ଲୀ ପ୍ରକୃତି ଅତୀବ ଆନନ୍ଦିତ, ବିହ୍ୱଳିତ ଏବଂ ସର୍ବୋପରି ଶାନ୍ତି ପ୍ରତିଷ୍ଠାର ଏହି ଋତୁ ଉତ୍ସାହର ବୀଜ ବପନ କରେ ପ୍ରତିଟି ପ୍ରାଣୀଜଗତର ହୃଦୟ କେଦାରରେ । ମନୋକାମନାର କୈବର୍ତ୍ତ ଲାଭ ପାଇଁ ପ୍ରେମୀଯୁଗଳ ବିମୋହନ ବଂଶୀର ଜୟଗାନ କରି କୋଣାର୍କର ପାଦ ଦେଶରେ ତାଜମହଲ ଗଢ଼ିଥାନ୍ତି । ପଲ୍ଲୀବାସୀ ସେଇ ନିରାକାର, ପରଂବ୍ରହ୍ମ, ସତ୍ୟ ସନାତନ, ଯୁଗ ପୁରୁଷୋତ୍ତମ, ପରମ ପ୍ରେମମୟ , କଲ୍‌କୀ ବିଗ୍ରହ, ନର ନାରାୟଣ ଜଗନ୍ନାଥ, ସେଇ ନାରାୟଣ, ସେଇ ବୁଦ୍ଧ, ସେଇ ଯୀଶୁ, ସେଇ ମହମ୍ମଦ, ସେଇ ଲୀଳାମୟ ମହାପ୍ରଭୁଙ୍କ ପଦାରବିନ୍ଦରେ ଆକୁଳ ନିବେଦନ ପୂର୍ବକ ଦିଗ ଭ୍ରଷ୍ଟ ସମାଜର କଳୁଷ କାଳିମା, ଦୁଃଖ, ଜ୍ୱାଳା, ଯନ୍ତ୍ରଣା ଏବଂ ବ୍ୟାଧିର ଉପ ସମାର୍ଥେ ଋତୁରାଜ ବସନ୍ତର ଆଗମନ ବା ଅବସ୍ଥାନକୁ ସ୍ୱାଗତ, ସମ୍ବର୍ଦ୍ଧନା ଦେଇ ଅତୀତ, ବର୍ତ୍ତମାନ ଓ ଆଗତ ଜୀବନର ମିଞ୍ଜି ମିଞ୍ଜି ଆଲୁଅରେ ସନ୍ଧ୍ୟା ଦୀପ ଲଗାଇ ନିଜ ଜୀବନକୁ କ୍ରମାନ୍ୱୟରେ ସଜାଡ଼ିବାକୁ ପ୍ରୟାସ କରନ୍ତି । ବାସ୍ତବରେ ଋତୁରାଜ ବସନ୍ତ କୋଟି ଜନମନ ହରଣର ଏକ ମନୋରମ ପ୍ରତିଛବି । ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ଭଦ୍ରକ, ଓଡ଼ିଶା , ମୋ: ୮୭୬୩୫୪୮୨୦୨/୬୩୭୨୭୫୨୬୬୨

ବସନ୍ତର ସୁଶୋଭିତ ଫୁଲ

ଶ୍ୱେତା ରାଉତ

ବର୍ଷର ଛଅ ଋତୁ ମଧ୍ୟରୁ ବସନ୍ତ ହେଉଛି ସବୁଠାରୁ ରମ୍ୟ ଓ ସୁମଧୁର । ଶୀତର ନିରବତା ପରେ ପ୍ରକୃତି ଯେବେ ନବ ଜୀବନର ସୁରେ ଜାଗି ଉଠେ, ସେହି ଅବସରକୁ ଆମେ ବସନ୍ତ ବୋଲି କହୁ । ଫୁଲ ହେଉଛି ଉଦ୍ଭିଦ ଜଗତର ଯୌନାଙ୍ଗ । ଫ୍ଲୋରିଜେନ୍, ଜିବରେଲିନ୍, ଅକ୍ସିନ୍‌ସ୍ ଓ ଏଥାଇଲି ଭଳି ହର୍ମୋନ ଫୁଲ ଦ୍ୱାରା ପ୍ରଜନନକ୍ଷମ କରାଇ ଉଦ୍ଭିଦ ଜଗତକୁ ଶୋଭାମୟ କରିବା ପାଇଁ ବସନ୍ତ ହେଉଛି ଉପଯୁକ୍ତ ଋତୁ । ଏହି ଋତୁର ଆଗମନ ସହିତ ଫୁଲମାନେ ହସି ଉଠନ୍ତି, ପ୍ରକୃତି ପିନ୍ଧେ ସୁବାସିତ ଫୁଲମାନଙ୍କ ରଙ୍ଗିନ ଆଭୂଷଣ । ଫୁଲ କେବଳ ସୁନ୍ଦରତାର ପ୍ରତୀକ ନୁହେଁ, ସୃଜନଶୀଳତାର ମଧ୍ୟ ପ୍ରେରଣା । କବିଙ୍କ କବିତାରେ, ଚିତ୍ରକରଙ୍କ ତୁଳୀରେ ଓ ସଙ୍ଗୀତକରଙ୍କ ସୁରରେ ବସନ୍ତର ଫୁଲମାନେ ସଦା ଅମର । ଏହି ଋତୁ ଆମକୁ ଶିଖାଏ, ପରିବର୍ତ୍ତନ ହିଁ ଜୀବନ, ଓ ପ୍ରତ୍ୟେକ ଶେଷରେ ଥାଏ ଏକ ନୂତନ ଆରମ୍ଭ । ବସନ୍ତର ଫୁଲ ଆମକୁ କହେ ସଂସାରରେ ଯେତେ ଅନ୍ଧକାର ଥାଉନା କାହିଁକି, ଦିନେ ନିଶ୍ଚୟ ତା' ରଙ୍ଗ ଫେରି ଆସେ, ଯେମିତି ପତ୍ରଝଡ଼ା ପରେ ବସନ୍ତର ମୃଦୁ ମଳୟରେ ଫୁଲମାନଙ୍କ କୋଳାହଳରେ ପ୍ରକୃତି ଫଗୁଣ ଫଗୁଣ ବାସେ । ବସନ୍ତ ଋତୁରେ ଫୁଟୁଥିବା କେତୋଟି ପ୍ରଜାତିର ଫୁଲକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

ଶିମୁଳି

ଶିମୁଳି ବା ଶିମିଳି ଫୁଲ ଅତି ସୁନ୍ଦର ଓ ଆକର୍ଷଣୀୟ। ଏହାର ଅନ୍ୟ ନାମ ହେଲା ଶାଳ୍ମଳୀ। ବସନ୍ତ ଋତୁ ଆଗମନ ସମୟରେ ଗଛରେ ଲାଲ ରଙ୍ଗର ଶିମିଳି ଫୁଲ ପରିବେଶକୁ ଆହୁରି ଆକର୍ଷଣୀୟ କରିଥାଏ । ଏହି ଫୁଲକୁ ନେଇ ଓଡ଼ିଆରେ ଗୋଟେ ଢଗ ଅଛି ।

"ଶିମିଳି ଗଛର ଡାଳମୂଳ କଣ୍ଟା
ଫୁଲ ଫୁଟିଥାଏ ରଙ୍ଗ ।
ଚହକା ଚାନ୍ଦିର ମଥାରେ ସିନ୍ଦୂର
ଦୂରକୁ ଦିଶଇ ଢଙ୍ଗ ।"

ଶିମିଳି ଗଛର ପ୍ରାବଲ୍ୟ ହେତୁ ବୋଧେ 'ଶିମିଳିପାଳ ଅଭୟାରଣ୍ୟ'ର ନାମକରଣ ହୋଇଛି । ପତ୍ର ନଥାଇ ବି ବଡ଼ ବଡ଼ ଗଛରେ କେବଳ ଲାଲ ରଙ୍ଗର ଭର୍ତ୍ତି ହୋଇ ଫୁଟୁଥିବା ଶିମୁଳି ସତେ ଯେମିତି ବହୁ ଦୂରରୁ ମାର୍ଗ ନିରୂପଣ ପାଇଁ ଦଣ୍ଡାୟମାନ ଥାଏ। ଆଜିକାଲି ଲୁପ୍ତ ହୋଇ ଯାଉଥିବା ଶିମୁଳି ଫୁଲର ଆକର୍ଷକ ରୂପ ଦେଖିବାକୁ ମିଳୁନାହିଁ। ଗଛ ମୂଳରେ ବିଛାଡ଼ି ହୋଇ ପଡୁଥିବା ଶିମୁଳି ଫୁଲର ଗାଲିଚା ପ୍ରକୃତି ରାଣୀ ଉପରେ ନାଲି ଓଢ଼ଣୀ ଢାଙ୍କି ଦେଇ ନବବଧୂ ଭଳି ଅନୁଭବ ଦିଏ।

ମହୁଲ

ମହୁଲ ଫୁଲ ହେଉଛି ଓଡ଼ିଶାର ଗ୍ରାମୀଣ ଜୀବନ ଓ ବସନ୍ତ ଋତୁର ଏକ ଅଭିନ୍ନ ଅଂଶ । ମହୁଲ ଫୁଲର ଆକୃତି ଛୋଟ ଓ ମାଂସଳ। ଏହାର ସୁଗନ୍ଧ ହାଲୁକା କିନ୍ତୁ ମଧୁର, ଯାହା ସକାଳ ବେଳେ ଚାରିପାଖକୁ ଖସିଯାଏ। ରାତିରେ ଫୁଲ ଫୁଟି ଭୋରରେ ଝରି ପଡ଼େ । ଗଛ ତଳେ ଝରିଥିବା ଫୁଲ ଦେଖିଲେ ମନେ ହୁଏ ମାଟିରେ ସୁନାର ଚାଦର ବିଛାଯାଇଛି । ମହୁଲ ଫୁଲ କେବଳ ସୌନ୍ଦର୍ଯ୍ୟର

ପ୍ରତୀକ ନୁହେଁ, ଏହା ଅର୍ଥନୈତିକ ଓ ସାଂସ୍କୃତିକ ମୂଲ୍ୟରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ଗ୍ରାମୀଣ ଓ ଆଦିବାସୀ ସମାଜରେ ଏହାର ଫୁଲରୁ ମିଠା ଖାଦ୍ୟ ଓ ପାନୀୟ ତିଆରି କରାଯାଏ। ଗଛର ବିଜରୁ ତେଲ ମିଳେ, ଯାହା ଔଷଧୀୟ ଓ ଦୈନିକ ଉପଯୋଗରେ ଲାଗେ । ମହୁଲ ଫୁଲ ଆମକୁ ଶିଖାଏ ସରଳତାରେ ମଧ୍ୟ ରହିଛି ଗଭୀର ମୂଲ୍ୟ। ବସନ୍ତର ହାଲୁକା ପବନରେ ମହୁଲର ସୁଗନ୍ଧ ମନକୁ ନବ ଉତ୍ସାହ ଦେଇଥାଏ। ଆଦିବାସୀ ଜୀବନଧାରାରେ ମହୁଲ ଫୁଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ସେମାନଙ୍କ ଖାଦ୍ୟ, ଔଷଧ ଏବଂ ରୋଜଗାରର ଏକ ପ୍ରମୁଖ ଉତ୍ସ । ବସନ୍ତ ଋତୁରୁ ସଂଗ୍ରହ କରାଯାଉଥିବା ଏହି ଫୁଲକୁ ସେମାନେ ଖାଦ୍ୟ ଭାବେ ଗ୍ରହଣ କରିବା ସହ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ବସନ୍ତ ଆସିଲେ ଆଦିବାସୀଙ୍କ ମନରେ ଏକ ନିଆରା ଆନନ୍ଦ ଥାଏ ମହୁଲ ପାଇଁ ।

ପଳାଶ

ଦୀପର ଉଜ୍ଜ୍ୱଳ ଆଲୋକ ପରି ଲାଭା ଓ କେଶରୀ ରଙ୍ଗର ଝଲସି ଉଠୁଥିବା ଖୁବ୍ ସୁନ୍ଦର ସୌନ୍ଦର୍ଯ୍ୟମୟ ଫୁଲ ହେଉଛି 'ପଳାଶ' । ବସନ୍ତର ଆଗମନରେ ସତେ ଯେମିତି ଜଙ୍ଗଲରେ ଅଗ୍ନିବାଣ ନିକ୍ଷେପଣ କଲାପରି ଦାଉ ଦାଉ ଜଳିବା ପ୍ରାୟ ଦିଶୁଥାଏ ପଳାସର ଫୁଲ ଭର୍ତ୍ତି ବୃକ୍ଷ । ଶୁଆର ଥଣ୍ଟପରି ଆକାର ଓ ରଙ୍ଗ ହୋଇଥିବାରୁ ଶୁଆର ଏକ ପର୍ଯ୍ୟାବାଚୀ ନାମ 'କିଂଶୁକ' ନାମାନୁସାରେ ପଳାଶକୁ 'କିଂଶୁକ' କୁହାଯାଇଥାଏ । ନିଆଁପରି ଜ୍ୟୋତିର୍ମୟ ଔଜ୍ଜଲ୍ୟ ପ୍ରାୟ ଦିଶୁଥିବାରୁ ଏହାକୁ 'ଜଙ୍ଗଲ ନିଆଁ' ମଧ୍ୟ କୁହାଯାଏ । ଭାରତର ସବୁ ପ୍ରଦେଶ ଓ ସବୁ ସ୍ଥାନରେ ପଳାଶ ଫୁଲ ଦେଖିବାକୁ ମିଳେ । ପଳାଶ ଫୁଲ" ହେଉଛି ଏକ ଦିବ୍ୟ ଉପହାର ଯାହା କେବଳ ସ୍ୱାସ୍ଥ୍ୟ ବା ଔଷଧୀୟ ଉପଚାର ନୁହେଁ, ଏହାର ଅତି ମୋହକ ରଙ୍ଗ, ଉତ୍ସାହ, ଉମଙ୍ଗ ଓ ସର୍ବଦା ଖୁସି ରହିବାକୁ ପ୍ରେରିତ କରେ । ବୁଦ୍ଧିର ବିକାଶ ଉପରେ 'ପଳାଶ' ବୃକ୍ଷର ଗଭୀର ପ୍ରଭାବ ରହିଥିବାରୁ ବୌଦ୍ଧଧର୍ମୀମାନେ ପଳାଶକୁ ବିଶ୍ୱାସ ସହିତ 'ସିନ୍‌ହାଲା' କହିଥାନ୍ତି । ପଳାଶ ଗଛର ମୂଳରେ ଠିଆହେଲେ ବିଜୁଳି ମାରେ ନାହିଁ। ହିନ୍ଦୁ ଧର୍ମାବଲମ୍ବୀଙ୍କ ବିଶ୍ୱାସ ଅନୁଯାୟୀ ଏମିତି ଅନେକ ପୌରାଣିକ ଲୋକକଥାମାନ ପଳାଶକୁ ନେଇ ଉଲ୍ଲେଖ ରହିଛି, ଯାହା ଆମକୁ ବାଧ୍ୟ କରାଏ 'ପଳାଶ' ଏକ ଦିବ୍ୟପୁଷ୍ପ ଭାବେ ସ୍ୱୀକାର କରିବା ପାଇଁ । ହିନ୍ଦୁ ବିଶ୍ୱାସ ଅନୁଯାୟୀ 'ପଳାଶ' ବେଦର ଦେବତାମାନଙ୍କ ଦ୍ୱାରା ପ୍ରସ୍ତୁତ ପାନୀୟ ବା ନୈବେଦ୍ୟ ସୋମରସରେ ଭିଜି ଯାଇଥିବା ଏକ ବାଜପକ୍ଷୀର ପକ୍ଷରୁ ଉତ୍ପନ୍ନ । ମାନ୍ୟତା ଅଛି ଏକଦା ଗରୁଡ଼ ରୂପରେ ମା' ଗାୟତ୍ରୀ ଆକାଶ ଦୀପ ପର୍ବତ ସୁଜବନରୁ ସୋମରସ ପ୍ରାପ୍ତ କରିବା ପାଇଁ ଯାଇଥିଲେ । ସୋମରସ ନେଇ ଫେରିବା ସମୟରେ ପାହାଡ଼ର ଏକ ସୁରକ୍ଷା କର୍ମୀ ଗରୁଡ଼ ଉପରେ ତୀର ଚଲାଇବାରୁ ଗରୁଡ଼ଙ୍କ ଏକ ସୋମରସ ଜୁଡୁବୁଡୁ ପକ୍ଷୀ ଛିଡ଼ି ତଳେ ପଡ଼ିଗଲା । ସେଥିରୁ ପଳାଶ ବୃକ୍ଷ ଜନ୍ମ ନେଲା । ଅନ୍ୟ ଏକ ଲୋକକଥା ଅଛି ଦେବୀ ପାର୍ବତୀ ଉପବାସ ରଖି ଅଗ୍ନିଦେବଙ୍କୁ ସ୍ମରଣ କରୁଥିଲେ ଅଗ୍ନିରୂପରେ ଏକ ବୃକ୍ଷ ଭାବେ ଜନ୍ମ ନେବାକୁ । ପାର୍ବତୀଙ୍କ ସାଧନାରେ ତୃପ୍ତ ହୋଇ ଅଗ୍ନିଦେବ ପାର୍ବତୀଙ୍କୁ ତଥାସ୍ତୁ କରିଥିଲେ । ଫଳରେ ପାର୍ବତୀ ପଳାଶ ବୃକ୍ଷ ଭାବେ ଜନ୍ମ ନେଇଥିଲେ । ଗ୍ରୀଭାସୂତ୍ରଙ୍କ ଅନୁଯାୟୀ ଉପନୟନ ସମୟରେ ବ୍ରାହ୍ମଣକୁମାରଙ୍କୁ ପଳାସ କାଠର ଦଣ୍ଡ ଧରାଇବାର ବିଧି ରହିଛି । ଭାରତର ଅନେକ ରାଜ୍ୟ ଯଥା ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡର ଜାତୀୟ ଫୁଲ ଭାବେ 'ପଳାଶ'କୁ ବିବେଚନା କରାଯାଇଛି । ଭାରତୀୟ ଡାକ ତାର ବିଭାଗ ଦ୍ୱାରା ଡାକ ଟିକଟ ଉପରେ ପଳାସର ଛବି ପ୍ରକାଶ କରି ସମ୍ମାନିତ କରାଯାଇଛି ।

ଆମ୍ବ ବଉଳ

ବସନ୍ତ ଆସିଲେ ପ୍ରକୃତିର ହୃଦୟରେ ଯେଉଁ ନବ ସ୍ପନ୍ଦନ ଜାଗେ, ତାହାର ପ୍ରଥମ ସୁଗନ୍ଧ ହେଉଛି ଆମ୍ବ ବଉଳ । ଶୀତର ଶୂନ୍ୟତା ପରେ ଆମ୍ବ ଗଛର ଶାଖାଗୁଡ଼ିକରେ ଛୋଟ ଛୋଟ ହଳଦିଆ-ସବୁଜ ଫୁଲ ପେନ୍ଥା ପେନ୍ଥା ହୋଇ ଶୋଭା ପାଏ । ଏହି ବଉଳ ବସନ୍ତ ଋତୁର ଆଗମନର ନୀରବ ଘୋଷଣା କରିଥାଏ । ବସନ୍ତର ହାଲୁକା ପବନରେ ଏହାର ସୁଗନ୍ଧ ଚାରିପାଖକୁ ମହକିଯାଏ । ଗାଁରେ ସକାଳ ବେଳେ ବଉଳର ଗନ୍ଧ ମନକୁ ଅପୂର୍ବ ଆନନ୍ଦ ଦେଇଥାଏ । ଏହି ସୁଗନ୍ଧ କେବଳ ଋତୁ ପରିବର୍ତ୍ତନର ସୂଚନା ନୁହେଁ, ଏହା ଆଶା ଓ ଫଳନର ପ୍ରତିଶ୍ରୁତି । ଆମ୍ବ ଗଛ ଓ ଏହାର ପତ୍ର ସହ ବଉଳ ମଧ୍ୟ ବିଭିନ୍ନ ଶୁଭ କାର୍ଯ୍ୟରେ ବ୍ୟବହୃତ ହୁଏ । ଓଡ଼ିଆ କବିତା, ଗୀତ ଓ ସାହିତ୍ୟରେ ଆମ୍ବ ବଉଳର ବାସ ମନକୁ ମନ୍ତ୍ରମୁଗ୍ଧ କରିଥାଏ ।

ତୁଲିପ୍

ପ୍ରକୃତରେ ଫୁଲଠୁ ଅଧିକ ସୁନ୍ଦର ସଂସାରରେ ଆଉ କ'ଣ ଥାଇପାରେ! ପ୍ରକୃତିକୁ ଖୁବ୍ ସୁନ୍ଦର ସୁନ୍ଦର ରୂପ, ରଙ୍ଗ ସୌନ୍ଦର୍ଯ୍ୟରେ ରୁଦ୍ଧିମନ୍ତ କରେ ତୁଲିପ୍ ଫୁଲ । ଜମ୍ମୁ-କାଶ୍ମୀରର ଡାଲ୍ ହ୍ରଦ ଓ ଜବରୱାନ୍ ପାହାଡ଼ର ମଧ୍ୟ ସ୍ଥଳରେ ଅବସ୍ଥିତ ଏସିଆର ବୃହତ୍ତମ ଇନ୍ଦିରା ଗାନ୍ଧୀ ତୁଲିପ୍ ଉଦ୍ୟାନ । ଏହି ଉଦ୍ୟାନ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣ କେନ୍ଦ୍ର । ୧୬ ଲକ୍ଷ ତୁଲିପ୍ ଫୁଲରେ ସଜ୍ଜିତ ଏହି ଉଦ୍ୟାନ କାଶ୍ମୀର ଉପତ୍ୟକାକୁ ସ୍ୱର୍ଗର ବାତାବରଣରେ ପରିବର୍ତ୍ତନ କରାଇଥାଏ । ଏଠାରେ ବିଭିନ୍ନ ରଙ୍ଗର ୧.୬ ମିଲିୟନ ତୁଲିପ୍ ଦେଖିବାକୁ ମିଳେ । ଏହି ଫୁଲ ବସନ୍ତ ଋତୁରେ ଫୁଟୁଥିବା ଏକ ଅତ୍ୟନ୍ତ ସୁନ୍ଦର ଓ ଆକର୍ଷକ ଫୁଲ । ଏହା ଲାଲ, ହଳଦିଆ, ଗୋଲାପୀ, ଧଳା, ବାଇଗଣୀ, କେଶରୀ, ମିଶ୍ର ଆଦି ବିଭିନ୍ନ ରଙ୍ଗର ଦେଖିବାକୁ ମିଳିଥାଏ । ପ୍ରତ୍ୟେକ ରଙ୍ଗ ନିଜର ଏକ ଭାବ ଜଣାଏ, ଲାଲ ଟୁଲିପ ପ୍ରେମର ପ୍ରତୀକ, ହଳଦିଆ ଆନନ୍ଦର, ଓ ଧଳା ଶାନ୍ତିର ସନ୍ଦେଶ ଦେଇଥାଏ । ତୁଲିପ୍‌ର କୋମଳତା ଭିତରେ ଲୁଚିଯାଏ ତାର ଅନନ୍ୟ ସୌନ୍ଦର୍ଯ୍ୟ ଯାହା ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ତୁଲିପ୍‌କୁ ଇରାନ୍‌ରେ ଶହୀଦ ହେବାର ଜାତୀୟ ପ୍ରତୀକ ଭାବେ ବିବେଚନା କରାଯାଏ । ଏହାର ଉପଯୋଗ ଡାକଟିକଟ ଓ ମୁଦ୍ରାରେ ହୋଇଥାଏ । ୧୯୭୯ ମସିହାରେ ଇସ୍‌ଲାମିକ୍ ବିପ୍ଳବରେ ଏକ ପ୍ରତୀକ ଭାବେ ଏହା ବ୍ୟବହାର ହେଉଥିଲା । ୧୯୮୦ ମସିହାରେ ଡିଜାଇନ୍ ହୋଇଥିବା ପତାକା ମଝିରେ ଲାଲ ତୁଲିପ୍ ଚାରୋଟି ଅର୍ଦ୍ଧଚନ୍ଦ୍ରାକାର ପାଖୁଡ଼ା ସହିତ ଶୋଭାପାଇଲା । ତୁଲିପ୍ ଫୁଲକୁ ବିଭିନ୍ନ ସଂସ୍କୃତିରେ ଅନେକ ସମ୍ମାନ ସହ ସ୍ୱୀକାର କରାଯାଇଛି । ତୁଲିପ୍ ଫୁଲର ଉତ୍ସବ ମଧ୍ୟ ସମଗ୍ର ପୃଥିବୀରେ ପାଳନ କରାଯାଇଛି । ନେଦରଲାଣ୍ଡ, ଇଂଲଣ୍ଡ, ଉତ୍ତର ଆମେରିକା, ହଲାଣ୍ଡ, ଆମେରିକା, କାନାଡ଼ା, ଦକ୍ଷିଣ ଗୋଲାର୍ଦ୍ଧ, ଅଷ୍ଟ୍ରେଲିଆ ଓ ଭାରତର କାଶ୍ମୀରରେ ମଧ୍ୟ ତୁଲିପ୍ ମହୋତ୍ସବ ଆୟୋଜନ କରି ପର୍ଯ୍ୟଟକମାନଙ୍କ ଧ୍ୟାନ ଆକର୍ଷିତ କରିଥାନ୍ତି । ବସନ୍ତକୁ ଅତୀବ ମନୋରମ କରିଥାଏ ତୁଲିପ୍ ଫୁଲ ।

ସ୍ୱର୍ଣ୍ଣ ଚମ୍ପା

ମହାଦେବଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ କୁହାଯାଏ (ଓଁ ତ୍ରୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟି ବର୍ଦ୍ଧନଂ) ମଙ୍ଗଳମୟ ଦେବଦେବ ମହାଦେବ ଗନ୍ଧମ୍ ଅର୍ଦ୍ଧନ (ଗନ୍ଧମାର୍ଦ୍ଧନ)ରେ ବା ସୁଗନ୍ଧି ପରିପୁଷ୍ପ ପର୍ବତ ସମୂହରେ ନୈସର୍ଗୀକତାରେ ମୁଗ୍ଧ ହୋଇ ସେଠାରେ ଅବସ୍ଥାନ କରିଛନ୍ତି । ଏହି ସ୍ୱତଃ ସୁଗନ୍ଧିତ ବନଭୂମିର ଉତ୍ସ ଚମ୍ପାଫୁଲ ବା ଚମ୍ପାତରୁ ବୋଲି ବହୁ କାଳରୁ ପ୍ରମାଣିତ । ବସନ୍ତକୁ ଆହୁରି ବୈଭବ ମଣ୍ଡିତ କରି ସୁବର୍ଣ୍ଣ ରଙ୍ଗରେ ପ୍ରକୃତିକୁ ସଜାଇଦିଏ ସ୍ୱର୍ଣ୍ଣଚମ୍ପା । ସ୍ୱର୍ଣ୍ଣଚମ୍ପା ସଂପର୍କରେ କେତେକ ଗ୍ରନ୍ଥ, ପୁରାଣରେ ମଧ୍ୟ ବର୍ଣ୍ଣନା ରହିଛି । ରାଜସ୍ଥାନୀ ଭାଷାର ଲୋକଗୀତ କାବ୍ୟରେ ମଧ୍ୟ ସ୍ୱର୍ଣ୍ଣଚମ୍ପାର ବର୍ଣ୍ଣନା ଦେଖିବାକୁ ମିଳେ । ବରାହ ମନ୍ଦିର ନିଜର ପ୍ରସିଦ୍ଧି ଜ୍ୟୋତିଷଗ୍ରନ୍ଥ 'ବୃହତ୍ ସଂହିତା'ରେ ଚମ୍ପକ ସୁଗନ୍ଧୀ ତେଲ ନିର୍ମାଣର ବିସ୍ତାର ବିବେଚନା କରିଛନ୍ତି । 'ସୁଶ୍ରୁତ ସଂହିତା'ରେ ମଧ୍ୟ ଚମ୍ପକ ଫୁଲର ଉପାଦେୟତା ପ୍ରଦର୍ଶିତ କରାଯାଇଛି । ସ୍ୱର୍ଣ୍ଣଚମ୍ପାର ଉତ୍କୃଷ୍ଟ ସୌରଭ, ସୁକୁମାରପଣ, ଗୌରବର୍ଣ୍ଣର ଉପମା 'ଶିଶୁପାଳବଧ', 'ହର୍ଷଚରିତ', 'କାଦମ୍ବରୀ', 'ମାଳତୀ ମାଧବ' ଆଦି ସଂସ୍କୃତ କାବ୍ୟ ଶୃଙ୍ଗାରତ୍ମକ ପ୍ରସଙ୍ଗଗୁଡ଼ିକରେ ବର୍ଣ୍ଣିତ ହୋଇଛି । ସ୍ୱର୍ଣ୍ଣଚମ୍ପାକୁ ବିଭିନ୍ନ ପ୍ରକାର ପ୍ରସାଧନ ଏବଂ ଧୂପକାଠିରେ ବ୍ୟବହାର କରାଯାଇ ଅଧିକ ମହକଯୁକ୍ତ କରାଯାଇଥାଏ । ଏହାର ତେଲ ଚନ୍ଦନ ତେଲ ଭଳି ଏକ ସ୍ୱତନ୍ତ୍ର ଉପାୟରେ ତିଆରି ହୋଇଥାଏ । ଏହାକୁ ଏକ ନୀରବ ଏବଂ ଅନ୍ଧାର କୋଠରୀରେ ଚମଡ଼ାରେ ତିଆରି ବୋତଲରେ ସଂଗୃହୀତ କରାଯାଇଥାଏ । ଏହି ତେଲ ଶରୀରରୁ ଉଷ୍ମତା ଦୂରକରି ଚନ୍ଦନ ତେଲ ଭଳି ଥଣ୍ଡା ଓ ଉପଶମ ହୋଇଥାଏ । ସ୍ୱର୍ଣ୍ଣଚମ୍ପାକୁ ଦେବଚମ୍ପା ମଧ୍ୟ କୁହାଯାଏ ।

ଡାଲିଆ

ବସନ୍ତର ଆଗମନରେ ନାନାଦି ରଙ୍ଗରେ ପ୍ରକୃତିକୁ ରୁଦ୍ଧିମନ୍ତ କରିଥାଏ ଡାଲିଆ ଫୁଲ । ସୁନ୍ଦର, ଆକର୍ଷଣୀୟ ଓ ବହୁଳ ପ୍ରଜାତି ବିଶିଷ୍ଟ ଫୁଲ ହେଉଛି 'ଡାଲିଆ' । ଏହି ଫୁଲରୁ ବୈଜ୍ଞାନିକମାନେ ହଜାର ହଜାର ପ୍ରକାର ରଙ୍ଗ ଓ ଆକାରର ଡାଲିଆ ଉତ୍ପନ୍ନ କରିପାରିଛନ୍ତି । ଶୁଣିବାକୁ ବିଚିତ୍ର ଲାଗିଲେ ମଧ୍ୟ ଏହା ସତ ଯେ, ଡାଲିଆ ଫୁଲକୁ ନେଇ ବିଶ୍ୱର ବିଭିନ୍ନ ଦେଶରେ ଅନେକ ଗୁଡ଼ିଏ ସଂଗଠନ ବା ସୋସାଇଟି ଗଠନ କରାଯାଇଛି । ଶଙ୍କରୀକରଣ ଦ୍ୱାରା ଡାଲିଆର ନୂଆ ନୂଆ ପ୍ରଜାତି ଓ ପ୍ରକାରର ବୃଦ୍ଧି କରିବା, ଔଷଧୀୟ ଉପଯୋଗରେ ବ୍ୟବହାର କରିବା, ଡାଲିଆର ସଂରକ୍ଷଣ କରିବା, କସ୍ମେଟିକ୍ ଦୁନିଆରେ ଡାଲିଆର ଉପଯୋଗ କରିବା ସୋସାଇଟି ଗୁଡ଼ିକର ମୂଳଲକ୍ଷ୍ୟ । ଡାଲିଆ ପୁଷ୍ପ ପ୍ରଦର୍ଶନୀରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବସନ୍ତର ମୃଦୁ ପବନରେ ଦୋଳାୟମାନ ଡାଲିଆ ମନ ଭିତରେ ଅପାର ଆନନ୍ଦ ଭରି ଦେଇଥାଏ ।

ବସନ୍ତ ଋତୁରେ ଏମିତି ଆହୁରି ନାନା ପ୍ରଜାତିର ଫୁଲ ଫୁଟିଥାଏ । ଫୁଲ, ପବିତ୍ରତା, ଶକ୍ତି ଏବଂ ନିଃସ୍ୱାର୍ଥତାର ପ୍ରତୀକ । ସମ୍ପୂର୍ଣ୍ଣ ମାନବ ଜାତିକୁ ସେ ଧାର୍ମିକ ମାର୍ଗରେ ଚାଲିବାକୁ ପ୍ରେରଣା ଦିଏ । କେବଳ ଦେଖିବାକୁ ଆକର୍ଷକ ଓ ସୁନ୍ଦର ନୁହେଁ, ଯେଉଁ ଆଖି ଫୁଲ ଉପରେ ପଡ଼େ, ତା' ଭିତରେ ଶାନ୍ତି, ଉତ୍ସାହ ଓ ସକରାତ୍ମକ ଊର୍ଜା ଭରିଯାଇଥାଏ । ଫୁଲ ପବିତ୍ର ହୋଇଥିବା କାରଣରୁ ଈଶ୍ୱରଙ୍କ ଶରୀରରେ ଶୋଭା ପାଇଥାଏ । ଫୁଲ ଆମକୁ ଶିଖାଇଥାଏ ସମସ୍ତଙ୍କୁ ସୁଗନ୍ଧ ବାଣ୍ଟିବା, କଣ୍ଟା ଭିତରେ ରହି ବି ହସି ହସି ନିଜକୁ ପ୍ରତିପାଦନ କରିବା । ବିଭିନ୍ନ ଅବସରରେ ସମସ୍ତଙ୍କ ଆଗ୍ରହ, ରୁଚି ଓ ସଂସ୍କାର ଅନୁଯାୟୀ ନିଜର ଉପଯୋଗିତା ସିଦ୍ଧ କରିବା, ନିଜର ମହକ, ସୁଗୁଣ ଓ କୋମଳତା ଦ୍ୱାରା ସମସ୍ତଙ୍କୁ ଶ୍ରଦ୍ଧାରେ ବାନ୍ଧି ରଖିବା । ବସନ୍ତର ଏ ଫୁଲଗୁଡ଼ିକ ସମସ୍ତଙ୍କ ଭିତରେ ନୂଆ ଉନ୍ମାଦ ଓ ଆନନ୍ଦ ଭରିଦେଉ ଏହା ହିଁ କାମନା କରିବା । ■

ରାଉତ କମ୍ପ୍ଲେକ୍ସ, କଟକ ରୋଡ୍
ଲକ୍ଷ୍ମୀ ସାଗର, ଭୁବନେଶ୍ୱର

ବସନ୍ତରେ ଉତ୍କଳୀୟ ପର୍ବପର୍ବାଣି

ସୁଷମା ପରିଜା

ବୈଚିତ୍ର୍ୟମୟ ଆମ ଉତ୍କଳ ଜନନୀ । ଆହୁରି ବୈଚିତ୍ର୍ୟମୟ ଆମ ଉତ୍କଳ ସଂସ୍କୃତି । ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରାଣର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମଧ୍ୟ ସୃଷ୍ଟିର ବୈଚିତ୍ର୍ୟମୟ ଠାକୁର । ଏଠାରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ଛଅ ଋତୁ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ବସନ୍ତ ଋତୁରେ ଉତ୍କଳୀୟ ସଂସ୍କୃତିରେ ଅନେକ ପର୍ବପର୍ବାଣି ପାଳିତ ହୋଇଥାଏ । ସେଭଳି କିଛି ପର୍ବପର୍ବାଣିକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।

ବସନ୍ତ ପଞ୍ଚମୀ

ଉତ୍କଳୀୟ ସଂସ୍କୃତିରେ ମାଘ ମାସ ପୂର୍ଣ୍ଣିମା ଅର୍ଥାତ୍ ଅଗ୍ନି ପୂର୍ଣ୍ଣିମା ପରଦିନଠାରୁ ହିଁ ବସନ୍ତ ଋତୁର ଆଗମନ ହୋଇଥାଏ । ବସନ୍ତ ଋତୁର ପ୍ରଥମ ପର୍ବ ଆରମ୍ଭ ହୋଇଥାଏ 'ବସନ୍ତ ପଞ୍ଚମୀ'ରୁ । ଏହି ଦିନଟି ମା' ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ପାଇଁ ଉତ୍ସର୍ଗୀକୃତ । ମା' ସରସ୍ୱତୀ କେବଳ ଶାସ୍ତ୍ର ବିଦ୍ୟାଦାତ୍ରୀ ନୁହଁନ୍ତି, ଶାସ୍ତ୍ରବିଦ୍ୟା ସହ ସମସ୍ତ ସଙ୍ଗୀତ କଳାବିଦ୍ୟାର ମଧ୍ୟ ଅଧିକାରିଣୀ । ସେ ବାକ୍‌ଦେବୀ, ଜ୍ଞାନ ପ୍ରଦାୟିନୀ, ଭଗବତୀ ଯୋଗେଶ୍ୱରୀ ଅଟନ୍ତି । ସେଥିପାଇଁ ଏହି ତିଥିଟି ପରମପାବନ ଦିନ ଭାବରେ ପାଳନ କରାଯାଏ । ଘରେ, ବିଦ୍ୟାଳୟ, ମହାବିଦ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କର ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ହୁଏ । ଛାତ୍ରଛାତ୍ରୀମାନେ ନିଷ୍ଠାର ସହିତ ମା'ଙ୍କୁ ଆରାଧନା କରି ବିଦ୍ୟାଲାଭର କୃପା ଭିକ୍ଷା କରିଥାନ୍ତି । ସେହି ପବିତ୍ର ଦିନରେ ମଧ୍ୟ ଗୃହ, ଦେବାଳୟ ନିର୍ମାଣ ଏବଂ ପ୍ରତିଷ୍ଠା କରାଯାଏ ।

ମହାଶିବରାତ୍ରୀ

ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ 'ମହାଶିବରାତ୍ରୀ' ପଡ଼ିଥାଏ । ଦେବ ଦେବ ମହାଦେବଙ୍କ ସବୁଠାରୁ ବଡ଼ ଓଷା 'ଜାଗର' । ଏହି ପର୍ବଟି ମହା ସମାରୋହରେ ପାଳିତ ହୁଏ ସମସ୍ତ ଶିବାଳୟରେ । ଭକ୍ତମାନେ ନିର୍ଜଳା ଉପବାସ ରହି ଶିବାଳୟଗୁଡ଼ିକରେ ପୂଜାର୍ଚ୍ଚନା କରି ସନ୍ଧ୍ୟାଠାରୁ ସାରା ରାତି ଉଜାଗର ରହି ଦୀପ ଜାଳନ୍ତି । ମନ୍ଦିରରେ ମହାଦୀପ ଉଠିବା ପରେ ଭକ୍ତମାନେ ବ୍ରତ ଉଦ୍‌ଯାପନ କରିଥାନ୍ତି ।

ଦୋଳ ପୂର୍ଣ୍ଣିମା

ଓଡ଼ିଆ ସଂସ୍କୃତିରେ ଆନନ୍ଦର ପର୍ବ ହେଉଛି 'ଦୋଳ ପୂର୍ଣ୍ଣିମା' । ପ୍ରତ୍ୟେକ ଗାଁରେ ଦୋଳ ବିମାନରେ ଦୋଳଗୋବିନ୍ଦ ଏବଂ ପ୍ରେମମୟୀ ଶ୍ରୀରାଧାଙ୍କୁ ବସାଇ ଭକ୍ତମାନେ କାନ୍ଧରେ ବୋହି ନେଇଥାନ୍ତି । ଗାଁ ବୁଲି ପ୍ରତ୍ୟେକ ଘରେ ଭୋଗ ଖାଇବା ପାଇଁ । ପ୍ରତ୍ୟେକ ଘରର ସାମ୍ନାରେ ଲିପାପୋଛା ହୋଇ ଶୁଦ୍ଧପୂତ ଭାବରେ ପିଢ଼ା ପାଣି ସଜାଇ ଦିଆଯାଏ । ଦୋଳଗୋବିନ୍ଦଙ୍କ ପାଇଁ ଘରେ ଘରେ ତିଆରି ହୁଏ ଚଣା, ଉଖୁଡ଼ା, ଶାକର ଭୋଗ । ଭୋଗରାଗ, ଫୁଲମାଳ ସହ ଆମ୍ବପେଣ୍ଡା ଲାଗି ହୁଏ ଦୋଳ ବିମାନରେ । ସାହିପଡ଼ିଶା ବନ୍ଧୁ ବାନ୍ଧବ ସମସ୍ତେ ମିଶି ସେହି ଭୋଗକୁ ଖାଇ ଆନନ୍ଦରେ ଠାକୁରଙ୍କୁ ଫଗୁ ଅର୍ପଣ କରି ନିଜ ମଥାରେ ବୋଳି ହୁଅନ୍ତି । ଏହା ଦ୍ୱାରା ଐଶୀ ଆଶୀର୍ବାଦ ମିଳିଥାଏ ।

ଶ୍ରୀମନ୍ଦିରରେ ଦୋଳ ପର୍ବ

ଜନସାଧାରଣଙ୍କ ଭଳି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥ ମଧ୍ୟ ଦୋଳ ପର୍ବ ଖୁବ୍ ଯାକଜମକରେ ପାଳନ କରନ୍ତି । ଦୋଳଯାତ୍ରା ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ପ୍ରଧାନ ଯାତ୍ରା ମଧ୍ୟରେ ଅନ୍ୟତମ । ଦୋଳଯାତ୍ରାରେ ପ୍ରଭୁ ଶ୍ରୀଜଗନ୍ନାଥ ଦୋଳଗୋବିନ୍ଦ ଭାବରେ ଶ୍ରୀଦେବୀ ଭୂଦେବୀଙ୍କୁ ସାଥିରେ ନେଇ ଫଗୁ ଖେଳ ବା ଚାଚେରୀ ଲୀଳା କରନ୍ତି । ଏହି ଯାତ୍ରା ସମ୍ବନ୍ଧରେ 'ମାଦଳାପାଞ୍ଜି', 'ସ୍କନ୍ଦ ପୁରାଣ', 'ଯାତ୍ରା ଭାଗବତ','ନୀଳାଦ୍ରି ମହୋଦୟ','ବାମଦେବ ସଂହିତା' ଇତ୍ୟାଦି ପୁରାଣରେ ଉଲ୍ଲେଖ ରହିଛି । ଶ୍ରୀମନ୍ଦିରରେ ଏହି ଯାତ୍ରା ଫାଲ୍‌ଗୁନ ଶୁକ୍ଳ ଦଶମୀ ତିଥିରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମା ଦିନ ଶେଷ ହେଉଥିଲେ ମଧ୍ୟ ବାସ୍ତବରେ ଏହା ପରବର୍ତ୍ତୀ ମାସ ଚୈତ୍ରରେ ଶେଷ ହୋଇଥାଏ । ଦୋଳପୂର୍ଣ୍ଣିମା ପରେ ପରେ ବିଭିନ୍ନ ଗ୍ରାମରେ ପଞ୍ଚୁଦୋଳ, ଦଶ ଦୋଳ ପର୍ବ ଭାବରେ ପାଳନ କରାଯାଏ । ମହାପ୍ରଭୁଙ୍କ ଏ ଉତ୍ସବକୁ ବସନ୍ତରାସ ଭାବେ ମଧ୍ୟ ଅଭିହିତ କରା ଯାଇଥାଏ ।

ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଅବସ୍ଥିତ ଦୋଳ ବେଦୀରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଫୁଲ ଦୋଳିରେ ବିଜେ ହୁଅନ୍ତି । ସେଠାରେ ଫୁଲ ଛତ୍ର ଏବଂ ଫୁଲଚାନ୍ଦୁଆ ଟଣାଯାଇ ଅବିର ଲାଗି, ଚଣା ସାକର ପ୍ରଭୃତି ଭୋଗ ତଥା ଅନେକ ନୀତି ହୋଇଥାଏ । ଦୋଳ ପୂର୍ଣ୍ଣିମାର ପାଞ୍ଚଦିନ

ପୂର୍ବରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଧ୍ୟାହ୍ନ ଭୋଗ ପରେ ଚାଚେରା ବେଶ କରାଯାଏ । ଚାଚେରା ବେଶ ଫଗୁଣ ଶୁକ୍ଳ ଦଶମୀରୁ ଚତୁର୍ଦ୍ଦଶୀ ଯାଏ ଶ୍ରୀମନ୍ଦିରରେ ଲାଗି ହୋଇଥାଏ । ଚାଚେରା ବେଶରେ ଦିଅଁମାନେ ସ୍ୱତନ୍ତ୍ର ଶୈଳୀରେ ପିନ୍ଧିଥିବା ପାଟବସ୍ତ୍ରର ଶୀର୍ଷ ଭାଗରେ ହରଡ଼ ମାଳି ଝଞ୍ଜା ଯାଇଥାଏ । ଠାକୁରମାନେ ପିନ୍ଧିଥିବା ଶାଢ଼ି, ମସ୍ତକର ଶ୍ରୀକପଡ଼ା, ହାତରେ ଧରିଥିବା ରୁମାଲ ଆଦି ସବୁ ଲାଲ ରଙ୍ଗର ହୋଇଥାଏ । ବେଶ ସମୟରେ ଠାକୁରଙ୍କୁ ଆରିସା, ଖିରୀ, ମରିଚି ଲଡୁ, ଧଉଳା ଓ ଘି ନାଡ଼ି ଆଦି ଭୋଗ ଲଗା ଯାଏ, ତାହା ଚାଚେରା ଭୋଗ ନାମରେ ପରିଚିତ । ଠାକୁରଙ୍କୁ ଚାଚେରା ଭୋଗ ସମର୍ପଣ ତଥା ଫଗୁଖେଳ ନୀତି ହୋଇଥାଏ। ଏହା ପରେ ଦୋଳଗୋବିନ୍ଦ,ଲକ୍ଷ୍ମୀ,ସରସ୍ୱତୀ ଚାଚେରା ଭ୍ରମଣ ପାଇଁ ବାହାରିଥାନ୍ତି । ଭ୍ରମଣ ଅବସରରେ ଠାକୁରଙ୍କୁ ଫଗୁ ଲାଗି ହୁଏ । ଏହିପରି ପାଞ୍ଚଦିନ ଧରି ଦୋଳ ଉତ୍ସବ ଶ୍ରୀମନ୍ଦିରରେ ପାଳିତ ହୁଏ । ଶ୍ରୀମନ୍ଦିରରେ ନୂତନ ସମ୍ବତ୍ସର ପଞ୍ଜିକା ଲାଗି ହୋଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ପଣ୍ଡିତମାନଙ୍କ ଦ୍ୱାରା ପାଠ କରାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦୋଳ ଗୋବିନ୍ଦ ରୂପରେ ଦୋଳ ବେଦୀ ଉପରେ ଦର୍ଶନ କଲେ ମନୁଷ୍ୟ ମୋକ୍ଷଲାଭ କରେ ବୋଲି ବିଶ୍ୱାସ ରହିଛି ।

ଅଶୋକାଷ୍ଟମୀ

ଦୋଳ ପୂର୍ଣ୍ଣିମା ପରେ ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୋଇଥାଏ 'ଅଶୋକାଷ୍ଟମୀ' । ଏକାମ୍ର କ୍ଷେତ୍ରର ଅଧିଶ୍ୱର ବାବା ଲିଙ୍ଗରାଜ ମହାପ୍ରଭୁଙ୍କ ମହାର୍ଘ ରଥଯାତ୍ରା ହେଉଛି ଅଶୋକାଷ୍ଟମୀର ବୈଶିଷ୍ଟ୍ୟ । ଏକାମ୍ର କ୍ଷେତ୍ରର ଅଧୀଶ୍ୱର ପ୍ରଭୁ ଲିଙ୍ଗରାଜଙ୍କର ମୁଖ୍ୟ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଅଶୋକାଷ୍ଟମୀ ଅନ୍ୟତମ । ପୁରାଣ ଅନୁଯାୟୀ, ରାବଣଦ୍ୱାରା ଅପହୃତା ସୀତା ଅଶୋକ ବନରେ ଥିବା ସମୟରେ

ପୁନର୍ବସୁ ନକ୍ଷତ୍ରଯୁକ୍ତ ଏହି ଅଷ୍ଟମୀ ତିଥିରେ ପ୍ରଭୁ ରାମଙ୍କ ସହିତ ପୁନର୍ମିଳନ ପାଇଁ ସେ ଅଶୋକ କଢ଼ି ଦ୍ୱାରା ଶିବ ଆରାଧନା କରିଥିଲେ । ସେହି ପରମ୍ପରା ଅନୁଯାୟୀ ନିଜ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂରୀକରଣ ପୂର୍ବକ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ପାଇଁ ଏହି ଦିନ ହିନ୍ଦୁ ନାରୀମାନେ ବ୍ରତ ପାଳନ ପୂର୍ବକ ଆଠଗୋଟି ଅଶୋକ କଢ଼ି ଶିବଙ୍କୁ ସମର୍ପଣ କରି ନିଜର ଉପବାସ ଭଙ୍ଗ କରିଥାନ୍ତି । ଲିଙ୍ଗରାଜ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ବାସୁଦେବ ଓ ଦୁର୍ଗାରୂପୀ ରୁକ୍ମିଣୀ ରଥଯାତ୍ରାରେ ଯାଉଥିବା ହେତୁ ରୁକ୍ମିଣୀଙ୍କ ନାମରେ ଏହି ରଥକୁ 'ରୁକୁଣା ରଥ' କୁହାଯାଏ । ଅଶୋକାଷ୍ଟମୀ ଦିନ ପ୍ରାତଃ କାଳରେ ପ୍ରଥମେ ମନ୍ଦିରର ମଙ୍ଗଳ ଆଳତୀ, ସାହାଣ ମେଲା, ମହାସ୍ନାନ ଓ ଅନ୍ୟପୂଜା ଆଦି ସମାପନ ପରେ ପ୍ରଥମେ ରୁକୁଣା ରଥକୁ ପୂଜା କରାଯାଏ । ରଥର ମଝିରେ ଚତୁର୍ଭୁଜା ଦୂର୍ଗା, ଡାହାଣ ପାର୍ଶ୍ୱରେ ଚନ୍ଦ୍ରଶେଖର ଏବଂ ବାମ ପାର୍ଶ୍ୱରେ ବାସୁଦେବ ବିରାଜମାନ ହୁଅନ୍ତି । ଏହାପରେ ରଥଟଣା ଆରମ୍ଭ ହୋଇଥାଏ । ରଥଟଣା ସରିବା ପରେ ରଥ ଯାଇ ମାଉସୀମା' ଛକ ନିକଟରେ ଥିବା ରାମେଶ୍ୱର ମନ୍ଦିରରେ ରହେ । ପ୍ରଭୁ ଲିଙ୍ଗରାଜ ସେଠାରେ ପାଞ୍ଚ ଦିନ ରହି ପୁନର୍ବାର ନିଜ ମନ୍ଦିରକୁ ବାହୁଡି ଆସନ୍ତି ।

ରଙ୍ଗର ପର୍ବ ହୋଲି

ପ୍ରତିବର୍ଷ ହୋଲିପର୍ବ ଭାରତରେ ମହାଆଡ଼ମ୍ବର ସହକାରେ ପାଳନ କରାଯାଏ । ଫାଲ୍‌ଗୁନ ପୂର୍ଣ୍ଣିମାରେ କୃଷ୍ଣ ଆରମ୍ଭ କରିଥିଲେ ରାସଲୀଳା । ଶ୍ରୀରାଧା ଓ ଶ୍ରୀକୃଷ୍ଣ ହୋଲି ଖେଳି ଥିଲେ । ସେମାନଙ୍କ ସହିତ ଗୋକୁଳର କିଶୋରକିଶୋରୀ ସମସ୍ତେ ରଙ୍ଗରେ ରଙ୍ଗିନ ହୋଇଯାଇଥିଲେ । କୃଷ୍ଣ ହୋଲି ଖେଳିଥିଲେ ପଳାଶ ଫୁଲର ରଙ୍ଗରେ । ସେହିଦିନଠାରୁ ଗୋକୁଳରେ ଧୁମ୍‌ଧାମ୍‌ରେ ହୋଲି ପର୍ବ ପାଳନ କରାଯାଏ । ଘରଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ସବୁକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଏ । ହୋଲି ପରମ୍ପରା ଭାରତୀୟ ସଂସ୍କୃତି ସହିତ କେବେଠୁ ଯୋଡ଼ି ହୋଇଯାଇଛି । ପଶ୍ଚିମ ବଙ୍ଗର ଶାନ୍ତିନିକେତନଠାରୁ ମହା ସମାରୋହରେ ବସନ୍ତ ଉତ୍ସବ ବା ହୋଲି ପର୍ବକୁ ପାଳନ କରାଯାଇଥାଏ । ପିଲାଠାରୁ ବୁଢ଼ା ଯାଏଁ, ଜାତି,ଧର୍ମ,ବର୍ଣ୍ଣ,ନିର୍ବିଶେଷରେ ଭାରତୀୟମାନେ ରଙ୍ଗର ପର୍ବ ହୋଲିକୁ ଆନନ୍ଦ, ଉଲ୍ଲାସର ସହ ପାଳନ କରିଥାନ୍ତି । ନିଜ ନିଜ ଭିତରେ ଥିବା ରାଗରୁଷାକୁ ଭୁଲି ପରସ୍ପର ମୁହଁରେ ରଙ୍ଗ ଓ ଅବିର ଲଗାଇ ହୋଲି ପର୍ବର ଶୁଭେଚ୍ଛା ଜଣାଇଥାନ୍ତି । ଓଡ଼ିଶାରେ ମଧ୍ୟ ହୋଲିକୁ ସମସ୍ତେ

ମେଣ୍ଢା ପୋଡ଼ି ଉତ୍ସବ

ଦୋଳପୂର୍ଣ୍ଣିମା ଦିନ ଜଗନ୍ନାଥ ମହାପ୍ରଭୁ ରାଜରାଜେଶ୍ୱର ବେଶ ହୋଇ ଭକ୍ତଗଣଙ୍କୁ ଦର୍ଶନ ଦେଇଥାନ୍ତି । ଫଗୁଣ ପୂର୍ଣ୍ଣିମା ପରଦିନ ପାଳନ ହୁଏ 'ହୋଲି' । ଏହି ଦିନ ଶ୍ରୀମନ୍ଦିରରେ ପୁରାଣ ପ୍ରସିଦ୍ଧ 'ହୋଲିକା ଦହନ' ବା 'ମେଣ୍ଢା ପୋଡ଼ି' ଉତ୍ସବ ପାଳନ ହୁଏ । ସତ୍ୟ ଯୁଗରେ ରାକ୍ଷସ ରାଜା ହିରଣ୍ୟକଶିପୁଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିବା ପ୍ରହଲ୍ଲାଦକୁ ରକ୍ଷା କରିବା ପାଇଁ ଶ୍ରୀବିଷ୍ଣୁ ନରସିଂହ ଅବତାର ଧାରଣ କରି ଅସୁରକୁ ବିନାଶ କରିଥିଲେ । ହିରଣ୍ୟକଶିପୁର ଭଗିନୀ ହୋଲିକା ମଧ୍ୟ କେବେହେଲେ ଅଗ୍ନି ଦଗ୍ଧ ନହେବାର ବର ପ୍ରାପ୍ତ ହୋଇଥିଲା । ସେଥିପାଇଁ ସେ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନି ପ୍ରବେଶ କରିଥିଲା । ଶ୍ରୀବିଷ୍ଣୁଙ୍କ ଆଶୀର୍ବାଦରୁ ହୋଲିକା ସେହି ଅଗ୍ନିରେ ଭସ୍ମୀଭୂତ ହୋଇଥିଲା ପ୍ରହଲ୍ଲାଦ ଅକ୍ଷୁଣ୍ଣ ଭାବରେ ବର୍ତ୍ତି ଯାଇଥିଲେ । ଏହି କିମ୍ବଦନ୍ତୀକୁ ମାନ୍ୟତା ଦେଇ ଏହି ଦିନ ଶ୍ରୀମନ୍ଦିରରେ 'ହୋଲିକା ଦହନ' ବା 'ମେଣ୍ଢା ପୋଡ଼ି' ଉତ୍ସବ ପାଳନ ହୁଏ । ଗୋବର ଘଷିରେ ମେଣ୍ଢା ଭଳି ଆକୃତିଟିଏ କରି ତହିଁରେ ଅଗ୍ନି ସଂଯୋଗ କରି ଅଧର୍ମ ଉପରେ ଧର୍ମର ବିଜୟ ପର୍ବ ପାଳନ କରାଯାଏ । ଦୋଳ ଉତ୍ସବ ଭକ୍ତ ଓ ଭଗବାନଙ୍କର ମହାମିଳନ ଉତ୍ସବ । ଜାତି, ଲିଙ୍ଗ, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଭଗବାନଙ୍କ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଏକାକାର ହୋଇ ଉଠନ୍ତି । ପ୍ରେମ, ଉଲ୍ଲାସ ଭରା ଦୋଳମିଳନ ଅମ୍ବା ପରମାତ୍ମାଙ୍କର ମହାମିଳନ ।

ରାମ ନବମୀ

ଚୈତ୍ର ଶୁକ୍ଳ ନବମୀରେ ପାଳିତ ହୋଇଥାଏ 'ଶ୍ରୀରାମ ଜନ୍ମ ବା ରାମ ନବମୀ' । ହିନ୍ଦୁ ଧର୍ମ ବିଶ୍ୱାସ ଅନୁଯାୟୀ ଭଗବାନ ରାମ ବିଷ୍ଣୁଙ୍କ ସପ୍ତମ ଅବତାର ବୋଲି ବିବେଚନା କରାଯାଏ । ଶାସ୍ତ୍ର ଅନୁଯାୟୀ, ତ୍ରେତୟା ଯୁଗରେ ପୃଥିବୀରେ ଅସୁରମାନଙ୍କର ଉତ୍ପାତ ବଢ଼ିବାରେ ଲାଗିଥିଲା । ଅସୁରମାନେ ଋଷି ମୁନୀମାନଙ୍କର ଯଜ୍ଞ ଭଗ୍ନ କରୁଥିଲେ । ପୃଥିବୀରେ ଅସୁରଙ୍କ ବିନାସ ପାଇଁ ଭଗବାନ ବିଷ୍ଣୁ ଶ୍ରୀରାମ ଅବତାରରେ ଅବତାରିତ ହୋଇଥିଲେ । ଧର୍ମ ପ୍ରତିଷ୍ଠା କରିବା ପାଇଁ ଭଗବାନ ଶ୍ରୀରାମ ତାଙ୍କ ଜୀବନସାରା ବହୁ କଷ୍ଟ ସହିଥିଲେ । ସବୁଠାରୁ କଠିନ ପରିସ୍ଥିତିରେ ଶ୍ରୀରାମ ଧର୍ମ ତ୍ୟାଗ କରିନଥିଲେ, ତେଣୁ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ କୁହାଯାଏ । ଭକ୍ତମାନେ ରାମ ନବମୀ ଦିନ ଭଗବାନ ରାମଙ୍କୁ ବିଶେଷ ପ୍ରାର୍ଥନା କରିଥାନ୍ତି । ସାରା ଦେଶରେ ରାମ ନବମୀ ଉତ୍ସାହ ଉଦ୍ଦୀପନାର ସହିତ ପାଳନ କରାଯାଏ । ଭଗବାନ ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ଏହି ଦିନ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ । ଏହି ଦିନ ଲୋକେ ଉପବାସ କରି ପ୍ରଭୁ ଶ୍ରୀରାମଙ୍କ ଜନ୍ମଦିନ ପାଳନ କରିବା ସହ ବିଭିନ୍ନ ରାମ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି । ଏହିଦିନଠାରୁ ଗାଆଁ ଗାଆଁରେ ରାମଲୀଳା ନାଟକ ପରିବେଷଣ କରାଯାଇଥାଏ ।

ବିଷୁବ ସଂକ୍ରାନ୍ତି

ଚୈତ୍ର ମାସର ସଂକ୍ରାନ୍ତିକୁ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ । ଏହି ଦିନଠାରୁ ଗୋଟିଏ ସମ୍ବତ୍ସର ବା ସୌର ବର୍ଷ ଶେଷ ହୋଇ ନୂତନ ସମ୍ବତ୍ସର ଆରମ୍ଭ ହୋଇଥାଏ । ବିଷୁବ ସଂକ୍ରାନ୍ତି ବସନ୍ତ ଋତୁର ଶେଷ ପର୍ବ । ଉତ୍କଳୀୟ ସଂସ୍କୃତିର ନବବର୍ଷ ଏହିଠାରୁ ଆରମ୍ଭ ହୋଇଥାଏ । ଓଡ଼ିଶାର ବିଭିନ୍ନ ଶକ୍ତିପୀଠରେ ଏକ ସ୍ୱତନ୍ତ୍ର ପୂଜକ ହେଉଛନ୍ତି ଦଣ୍ଡୁଆ, ଘଣ୍ଟ ପାଟୁଆ । ଏହା ଭାରତର ଅନ୍ୟ କୌଣସି ସ୍ଥାନରେ ପ୍ରାୟତଃ ଦେଖିବାକୁ ମିଳେ ନାହିଁ । ଫାଲଗୁନ ମାସ ଆରମ୍ଭରୁ ଶକ୍ତି ପୀଠଗୁଡ଼ିକରୁ ମା'ଙ୍କ ଆଜ୍ଞାମାଳ ଘଟ ଧରି ବାହାରି ଆସିଥିବା ଦଣ୍ଡୁଆ, ଘଣ୍ଟ ପାଟୁଆ ସେବକମାନେ, ଗାଆଁ ଗାଆଁ ବୁଲି ନୃତ୍ୟ ଗୀତ ମାଧ୍ୟମରେ ମା'ଙ୍କ ମହିମା ପ୍ରଚାର ପ୍ରସାର କରି ପଣା ସଂକ୍ରାନ୍ତି ପୂର୍ବଦିନ ନିଜ ନିଜର ପୀଠକୁ ଫେରି ଆସିଥାନ୍ତି । ପଣାସଂକ୍ରାନ୍ତି ଦିନ ପଣା ଯାତ୍ରା ବା ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଘଣ୍ଟ ପାଟୁଆମାନେ, ଦଣ୍ଡୁଆମାନେ ରଡ଼ ନିଆଁ ଉପରେ ଝାମୁଁ ଚାଲନ୍ତି । ଓଡ଼ିଶାର ବାଙ୍କୀରେ ମା' ଚର୍ଚ୍ଚିକା ମନ୍ଦିର ଏବଂ କାକଟପୁରର ମା' ମଙ୍ଗଳା ମନ୍ଦିରର ଝାମୁ ଯାତ୍ରା ବିଶ୍ୱ ପ୍ରସିଦ୍ଧ ।

ବସନ୍ତ ଋତୁରେ ଉତ୍କଳୀୟ ସଂସ୍କୃତିରେ ଏମିତି ନାନା ପର୍ବପର୍ବାଣି ପାଳିତ ହୋଇଥାଏ । ସବୁରି ମୂଳରେ ରହିଛି ଭଗବାନଙ୍କ ପ୍ରତି ଭକ୍ତର ଭକ୍ତି ନୈବେଦ୍ୟ ଅର୍ପଣ କରିବାର ମହତ ଉଦ୍ଦେଶ୍ୟ । ■

ଶାରଳା ଭବନ, ପୋତା ପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭

ବସନ୍ତ ଆସିଛି ଫେରି...



ରତୁଚକ୍ରର ଆବର୍ତ୍ତନରେ ଗୋଟିଏ ପରେ ଗୋଟିଏ ରତୁ ଧରାପୃଷ୍ଠରେ ଅବତରଣ କରେ । ସାଧାରଣତଃ ଫାଲଗୁନ ଓ ଚୈତ୍ର ମାସ ଦ୍ୱୟରେ ବସନ୍ତ ରତୁ ଅନୁଭୂତ ହୁଏ । ଶୀତ ରତୁ ପରେ ପରେ ବସନ୍ତ ରତୁର ଆଗମନ ହୋଇଥାଏ । କବି, ଲେଖକ, ଭାବୁକ, ଗୀତିକାରମାନଙ୍କୁ ଅନାମନା କରିଦିଏ ବସନ୍ତର ବର୍ଣ୍ଣବିଭା । ବସନ୍ତକୁ ନେଇ ଓଡ଼ିଆରେ ଲେଖା ହୋଇଛି ଅନେକ ହୃଦୟସ୍ପର୍ଶୀ ଗୀତ ଓ କବିତା । ବସନ୍ତର ସୁନ୍ଦରତାକୁ ଅନୁଭବ କରିବା, ଫଗୁଣର ରଙ୍ଗକୁ ହୃଦୟରେ ଧରିବା, ପ୍ରକୃତି ସହିତ ଏକାତ୍ମ ହୋଇ ବସନ୍ତର ଆଗମନକୁ ସ୍ୱାଗତ କରିବା ପାଇଁ କିପରି ଓଡ଼ିଆ ସଙ୍ଗୀତ ରଦ୍ଧିମନ୍ତ ହୋଇଛି ତାହାକୁ ନେଇ ଏଇ ସ୍ୱତନ୍ତ୍ର ଆଲୋଚନା ।

ଡକ୍ଟର ଜେନାମଣି ସଂଜୀବ କୁମାର

ଓଡ଼ିଆ ଚଳଚ୍ଚିତ୍ର 'ଲଳିତା' ୧୯୪୯ ମସିହାରେ ପରଦା ଉପରକୁ ଆସେ। ଏହାର ପ୍ରଯୋଜକ ଥିଲେ ଗ୍ରେଟ୍ ଇଷ୍ଟର୍ଣ୍ଣ ମୁଭିଟୋନ୍। ଏହାର ସଙ୍ଗୀତରେ ଥିଲେ ଗୌର ଗୋସ୍ୱାମୀ ଓ ସୁରେନ୍ ପାଲ୍। ୧୯୩୬ ମସିହାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ପରେ ଏହା ହେଉଛି ଓଡ଼ିଆର ଦ୍ୱିତୀୟ ଚଳଚ୍ଚିତ୍ର। ଏଥିରେ ଗୋଟିଏ କାଳଜୟୀ ଗୀତ ଥିଲା। ଯେଉଁଥିରେ 'ବସନ୍ତ' ଋତୁର ଆଗମନକୁ ପ୍ରାଧାନ୍ୟ ଦିଆଯାଇଛି।

"ଥରେ ଥିରି ବସନ୍ତ ଫେରି ଅନା
ଫୁଲ-ମନ କରି ଚୋରି
ଯେବେ ଫୁଲ ମନ କଲୁ ଚୋରି
ବସନ୍ତ ଫେରି ଅନା
ଥରେ ଥିରି ବସନ୍ତ ଫେରି ଅନା..."

ଏହି ଗୀତର ଗୀତିକାର ଥିଲେ କବି କାଳୀଚରଣ ପଟ୍ଟନାୟକ ଓ କଣ୍ଠଦାନ କରିଥିଲେ ନୀଳିମା ସାନ୍ୟାଲ।

ଚତୁର୍ଥ ଓଡ଼ିଆ ଚଳଚ୍ଚିତ୍ର 'ରୋଲସ୍ ଟୁଏଇଟ' ୧୯୫୧ ମସିହାରେ ମୁକ୍ତି ଲାଭ କରେ। ଏଥିରେ ବସନ୍ତକୁ ନେଇ ଏକ ହୃଦୟସ୍ପର୍ଶୀ ଗୀତ ଥିଲା।

"ବସନ୍ତରେ ବସନ୍ତରେ ବସନ୍ତରେ
ସରଗ ପରଶେ ଚାନ୍ଦ ହସି ହସି ଲୁଚକାଳି
ଖେଳେ ମଧୁକରେ ମଧୁକରେ..."

ଏହି ଗୀତର ଗୀତିକାର ଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। କଣ୍ଠଦାନ କରିଥିଲେ କମଳା ଦେବୀ ଓ ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଗୌର ଗୋସ୍ୱାମୀ ଓ ସୁରେନ୍ ପାଲ୍।

ସେହିପରି:-

"ଆରେ ବସନ୍ତ ମଧୁମାସିଆ
ଫୁଲ ରସିଆ
ମନ ତୋଷିଆ
ଆରେ ବସନ୍ତ ମଧୁମାସିଆ।"

ଏହି ଗୀତଟି ହେଉଛି ୧୯୬୩ ମସିହାରେ ରିଲିଜ୍ ହୋଇଥିବା 'ନାରୀ' ଚଳଚ୍ଚିତ୍ରର। ଏହାର ସଙ୍ଗୀତକାର ଥିଲେ କାଳୀଚରଣ ଓ ଉଦୟନାଥ। ଗୀତିକାର ଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ଗାୟନରେ ଥିଲେ ନିର୍ମଳା ମିଶ୍ର।

୧୯୭୨ ମସିହାରେ ଚଳଚ୍ଚିତ୍ର 'ଘର ବାହୁଡ଼ା' ଏକାମ୍ର ଚିତ୍ରମ ପ୍ରଯୋଜନାରେ ପରଦା ଉପରକୁ ଆସେ । ଏହାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଅକ୍ଷୟ ମହାନ୍ତି। ଗୀତଟି ଥିଲା "ମାୟାବିନୀ ବନ ଜୋଛନା..."। ଏହି ଗୀତର ଅନ୍ତରାରେ ଫଗୁଣକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଯେପରି:-

"ହଂସ ମିଥୁନ ସ୍ୱପ୍ନ ବିଭୋରେ
ଫାଲଗୁନେ ଫେରିଯାଏ।
ସଞ୍ଜ ସକାଳେ, ବୀଥି ବିତାନେ
ଅଳ୍ପନା ଆଙ୍କିଯାଏ।"

ଏହି ଗୀତରେ ଗୀତିକାର ଥିଲେ ପର୍ଶୁରାମ ପଟ୍ଟନାୟକ ଓ କଣ୍ଠଦାନ କରିଥିଲେ ମହମ୍ମଦ ସିକନ୍ଦର ଆଲାମ ଓ ନିର୍ମଳା ମିଶ୍ର।

ସେହିପରି : -

"ସପନ ବିଳାସୀ, ଆମେ ମିଳନ ବିଳାସୀ
ମଧୁମଳୟ ଡାକେ, ଫଗୁଣ ଗୀତି ସୁରେ
ଯିବା ଦୂରେ ଅଭିସାରେ..."

ଏହି ଗୀତଟି ୧୯୭୩ ମସିହାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଘର ସଂସାର'ର। ସାରଥୀ ଫିଲ୍ମସ୍ ପ୍ରଯୋଜନାରେ ଏହାର ସଙ୍ଗୀତ ଦେଇଥିଲେ ଭି. ବାଲସରା ଓ ରାଖାଲ ମହାନ୍ତି। ଏହି ଗୀତଟିକୁ ଗାଇଥିଲେ ଶ୍ୟାମଲ ମିତ୍ର ଓ ନିର୍ମଳା ମିଶ୍ର। ଗୀତିକାର ଥିଲେ ରସରାଜ ନାରାୟଣ ପ୍ରସାଦ ସିଂହ।

ଚଳଚ୍ଚିତ୍ର 'ମନ ଆକାଶ' ୧୯୭୪ ମସିହାରେ ପରଦାକୁ ଆସେ। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଉପେନ୍ଦ୍ର କୁମାର। ରସରାଜ ନାରାୟଣ ପ୍ରସାଦ ସିଂହ ଗୀତିକାର ଓ ଏସ୍ ଜାନକୀ କଣ୍ଠଦାନ କରିଥିଲେ। **"ଚୋରା ଚୋରା ପ୍ରୀତି, ଆସ ସାଥି ଡାକେ ଜୋଛନା..."** ଗୀତର ଅନ୍ତରାରେ 'ଫଗୁଣ' ଶବ୍ଦକୁ ନେଇ ଅତି ସୁନ୍ଦର ଶବ୍ଦ ସଂଯୋଜନା କରାଯାଇଥିଲା। ଯେପରି ରୂପ ରସ ବାସଭରା, ଫଗୁଣର ଫଗୁବୋଳା

ମିଳନର ଏ ଲଗନ, କରି ଆସି ମତୁଆଲା...। ସେତେବେଳେ ଏହି ଗୀତଟି ଲୋକପ୍ରିୟତାର ଶୀର୍ଷ ଭାଗରେ ପହଞ୍ଚିଥିଲା।

୧୯୭୫ ମସିହାରେ ଚଳଚ୍ଚିତ୍ର 'ମମତା' ମୁକ୍ତି ଲାଭ କରେ । ଏହା ପିକେ ପ୍ରଡକ୍ସନ ପ୍ରଯୋଜନାରେ ଓ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଓ ପି. ସୁଶୀଳାଙ୍କ ଦରଦୀ ଭରା କଣ୍ଠରେ :-

"ହେ ଫଗୁଣ କାନ୍ଦନାରେ, ତୋ ଲୁହ ହେଲେ ନଦୀର ଧାର
ମୋ ଲୁହତ ସାଗର..."

ଗୀତଟି ଶ୍ରୋତାମାନଙ୍କୁ ଏବେ ମଧ୍ୟ ଛୁଇଁଯାଏ। ଏଠାରେ ଗୀତିକାର ଶିବବ୍ରତ ଦାସ 'ଫଗୁଣ' ଶବ୍ଦକୁ ଅତି ସୁନ୍ଦର ଭାବେ ସଂଯୋଜନା କରିଛନ୍ତି।

'ବ୍ରଜରାଜ ମୁଭିଜ୍' ଦ୍ୱାରା ନିବେଦିତ 'ନାଗଫାସ' ଚଳଚ୍ଚିତ୍ର ଆସେ ୧୯୭୭ ମସିହାରେ। ସେଥିରେ ଅକ୍ଷୟ ମହାନ୍ତି ଓ ତୃପ୍ତି ଦାସଙ୍କ କଣ୍ଠରେ ଝଙ୍କୃତ ହୋଇଉଠିଛି :-

"ଯେଦିନୁ ପାଇଛି ମୋ ପ୍ରିୟା
ସେଦିନୁ ଭୁଲିଛି ଦୁନିଆ"

ଗୀତରେ 'ଫଗୁଣ" ଶବ୍ଦକୁ ନେଇ ଅନ୍ତରାରେ ସୁନ୍ଦର ଶବ୍ଦ ସଂଯୋଜନା କରାଯାଇଛି। ଯେପରି:-

"ତୁମେ ମୋର ମିଠା ଫଗୁଣ"
ତୁମରି ଆଖିରେ ମୋ ସପନ"

ଏହି ରୋମାଣ୍ଟିକ୍ ଗୀତର ଗୀତିକାର ଓ ସଙ୍ଗୀତକାର ଥିଲେ ଅକ୍ଷୟ ମହାନ୍ତି।

ସେହିପରି :-

"କୁହୁ କୁହୁ ବନେ କୁହୁ କୁହୁ
ଗାଏ କୋଇଲି ମହୁଲି ସୁରେ ସୁରେ"

ଏହି ଗୀତଟି ଚଳଚ୍ଚିତ୍ର 'ସତୀ ଅନସୂୟା' ୧୯୭୮ ମସିହାର। ଏହି ଗୀତଟିର ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ଥିଲେ ପଦ୍ମଶ୍ରୀ ପ୍ରଫୁଲ୍ଲ କର। ଏହି ଗୀତର ଅନ୍ତରାରେ ଗୀତିକାର ଶବ୍ଦ ସଂଯୋଜନାରେ ବସନ୍ତର ଆଗମନକୁ ନେଇ ଲେଖିଛନ୍ତି।

"ନବ ବସନ୍ତେ ବସନ୍ତ ସାଜେ
ସାଜେରେ ସାଜେରେ ସାଜେ..."

କଣ୍ଠଦାନ କରିଥିଲେ 'ବାଣୀ ଜୟୀରାମ' ଓ ସୁବାସ ଦାଶ।

" ତୋର ଉଡ଼ି ଉଡ଼ି ଯାଏ କାନି
ଫଗୁଣ ଆସିଲା
ଚୁପି ଚୁପି ମୋ ମନକଥା ସେ
ତୋ କାନେ କହିଲା
ମୋର ନାଚି ନାଚି ଗାଏ ମନ
ଫଗୁଣ ଆସିଲା... ।

ଏହି ଗୀତଟି ଚଳଚ୍ଚିତ୍ର 'ସମର ସଲିମ୍ ସାଇମନ୍'ର। ୧୯୭୯ ମସିହାରେ ଏହି ଚଳଚ୍ଚିତ୍ର ରିଲିଜ୍ ହୋଇଥିଲା। ଏହି ଗୀତର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ମହମ୍ମଦ ମୁସୀର ଓ ଗୀତିକାର ଥିଲେ ନିଜାମ୍। ଗୀତଟିକୁ ଗାଇଥିଲେ ସୁବାଷ ଦାଶ ଓ କନକ ମହାପାତ୍ର।

ବସନ୍ତର ଆଗମନରେ ଫଗୁଣକୁ ନେଇ ସଙ୍ଗୀତକାରମାନେ ଓଡ଼ିଆ ଆଧୁନିକ ଓ ସୁଗମ ସଙ୍ଗୀତରେ ବହୁଳ ଭାବେ ପ୍ରୟୋଗ କରିଛନ୍ତି। ଯାହା ଓଡ଼ିଆ ସଙ୍ଗୀତକୁ ପରିପୁଷ୍ଟ ଓ ଋଦ୍ଧିମନ୍ତ କରିବା ସହିତ ଚିରସବୁଜ ହୋଇରହିଛି। ସେଇ ଗୀତଗୁଡ଼ିକ ନେଇ ଆମେ ଯଦି ଏଠାରେ ଆଲୋଚନା କରିବା ତେବେ 'ଫଗୁଣ' ଶବ୍ଦକୁ ଗୀତ ଶୀର୍ଷକ ଭାବେ ନେଇ ଅଭୁଲା ଗୀତଟିଏ ସୃଷ୍ଟି ହୋଇଛି।

"ହେ ଫଗୁଣ ତୁମେ ଗଲା ପରେ ପରେ
ଅନେକ ଯାତନା ଏଠି
ଲୁହରେ ଲେଖୁଛି କବିତା ଆଜି ମୁଁ
ଲହୁରେ ଲେଖୁଛି ଚିଠି ।"

ଏହି ଗୀତର ଗୀତିକାର, ସଙ୍ଗୀତ ଓ କଣ୍ଠଶିଳ୍ପୀ ଥିଲେ ଆଧୁନିକ ସଙ୍ଗୀତର ସ୍ରଷ୍ଟା ଅକ୍ଷୟ ମହାନ୍ତି। ସେ ଏଠାରେ 'ଫଗୁଣ'କୁ ନିଜର ପ୍ରିୟତମାର ଆଖ୍ୟା ଦେଇଛନ୍ତି। ଓଡ଼ିଆ ଆଧୁନିକ ସଙ୍ଗୀତରେ ଏହା ହେଉଛି ଏକ କାଳଜୟୀ ସୃଷ୍ଟି।

ଗାଳ୍ପିକ, କବି, ଔପନ୍ୟାସିକ ଓ ଗୀତିକାର ଦେବଦାସ ଛୋଟରାୟଙ୍କ ଗୀତି କବିତା:-

"ଜ୍ୟୋତ୍ସ୍ନା ଆଣେ ପ୍ରଜାପତି ବଂଶୀ ଆଣେ ମାୟା...
ଚାତକ ଆଣେ ମେଘର ଚିଠି, ଶ୍ରାବଣ ଆଣେ ନଦୀ
ଫଗୁଣ ଆଣେ ବନ୍ଦୀଶାଳା, ସମୟ ଆଣେ ସ୍ମୃତି ।"

ନିଜସ୍ୱ ସଙ୍ଗୀତରେ କଣ୍ଠଦାନ କରିଥିଲେ ଅକ୍ଷୟ ମହାନ୍ତି। ପରବର୍ତ୍ତୀ କାଳରେ ଏହି ଗୀତଟି ଚଳଚ୍ଚିତ୍ରରେ ସ୍ଥାନ ପାଇଥିଲା।

"ପ୍ରଜାପତି ଜଳିଯାଏ ଫୁଲର ନିଆଁରେ
ଜଳିଯାଏ ମୁଁ ବି ତୁମ ରୂପର ନିଆଁରେ...
ଫଗୁର ନିଆଁରେ ଯେବେ ଜଳେ ଏ ଫଗୁଣ
ପଲାସ ନିଆଁରେ ଜଳେ ଏ ସାରା ଅରଣ୍ୟ
ମୋର ମନ ସେମିତି ଜଳେ ଦେହର ନିଆଁରେ ।"



ଏହି ଗୀତଟି 'ଆକାଶ ବାଣୀ କଟକ' କେନ୍ଦ୍ରର 'ସଜଫୁଲ' କାର୍ଯ୍ୟକ୍ରମରେ ପ୍ରଚାରିତ ହୋଇଥିଲା। ଏହାର ଗୀତିକାର ଥିଲେ ନିମାଇଁ ମହାନ୍ତି, ସଙ୍ଗୀତ ଓ କଣ୍ଠଦାନ କରିଥିଲେ ଅକ୍ଷୟ ମହାନ୍ତି।

ଓଡ଼ିଆରେ 'ଗଜଲ' ପରମ୍ପରା ଅକ୍ଷୟ ମହାନ୍ତି ଆରମ୍ଭ କରିଥିଲେ। ସେ ତାଙ୍କ ନିଜ ସ୍ୱର, ସଂଗୀତ ଓ ଗୀତି କବିତାରେ ଗୋଟିଏ କାଳଜୟୀ ଗୀତ ସୃଷ୍ଟି କରିଥିଲେ, ଯାହା ରାଗ 'ମାଲକୋଷ' ଉପରେ ଆଧାରିତ ଥିଲା। ସେ ଗୀତର ଅନ୍ତରାରେ 'ଫଗୁଣ' ଶବ୍ଦକୁ ଅତି ଚମତ୍କାର ଭାବେ ପ୍ରୟୋଗ କରାଯାଇଛି।

"ଏମିତି ଏକ ବଗିଚାରେ ମୁଁ ବାନ୍ଧିଛି ମୋର ଘର
ଯହିଁ ଫୁଲ ବି ନୁହେଁ, ମାଳି ବି ନୁହେଁ
କଣ୍ଟା ବି ନୁହେଁ ମୋର...
ଫଗୁଣ ଗଲେ ଫେରି ଏ ବନୁ ରହିବ କେଉଁ ଧୂଆଁ
ସେ କେଉଁ ପ୍ରେମ ଟାଣରେ ଭଲା
ନିକଟ ହେବ ଦୂର
ଯହିଁ ଫୁଲ ବି ନୁହେଁ ମାଳି ବି ନୁହେଁ
କଣ୍ଟା ବି ନୁହେଁ ମୋର... ।"

ସେହିପରି ଅକ୍ଷୟ ମହାନ୍ତିଙ୍କ ଗୀତ, ସ୍ୱର ଓ ସଙ୍ଗୀତରେ ଆକାଶବାଣୀ କେନ୍ଦ୍ର ସୌଜନ୍ୟରୁ ପ୍ରଚାରିତ ହୋଇଥିଲା ଏକ ହୃଦୟସ୍ପର୍ଶୀ ଗୀତ। ଏଠାରେ ମଧ୍ୟ 'ଫଗୁଣ' ଶବ୍ଦକୁ ଅତି ରୋମାଣ୍ଟିକ୍ ଭାବେ ସଂଯୋଜନା କରାଯାଇଛି।

"ନ କରି ନ କରି କରିଦେଲୁ ମତେ
ଏମିତି ଗଛର ଫୁଲ
ତୋହରି ହାତରେ ତୋଳା ହେବା ସୁଖ
ଦିନେ ତ ନୋହିଲା ମୋର
ଫଗୁଣକୁ ମୋର ଭିଜାଇ ଦେଲୁରେ
ଧାରା ଶିରାବଣ ହୋଇ
ଆଜି ଆସିଲି କାଲି ଆସିଲି ଏମିତିକୁ କହି କହି
ଏ ଜୀବନ ମୋର ଉଜାଡ଼ି ଦେଲୁରେ
ନିରିମମ ପ୍ରିୟା ତୁହି..."

ପଦ୍ମଶ୍ରୀ ପ୍ରଫୁଲ୍ଲକର ତାଙ୍କ ନିଜସ୍ୱ ଗୀତିକଥା, ସ୍ୱର ଓ ସଂଗୀତରେ ଫଗୁଣ ଶବ୍ଦକୁ ଅତି ସୁନ୍ଦର ଭବେ ପ୍ରୟୋଗ କରିଛନ୍ତି। ଏହି ଗୀତର ମାଧୁର୍ଯ୍ୟ ସବୁଦିନ ପାଇଁ ଶ୍ରୋତାମାନଙ୍କ ପାଖରେ ଅଭୁଲା ହୋଇରହିଛି।

"ଏ ରାତି, ଏ ଜହ୍ନ, ଏ ଫୁଲ, ଏ ଫଗୁଣ
ଏଇମାନେ, ମିଶି ମୋତେ, କରିଲେ ପାଗଳ... ।"

ଅକ୍ଷୟ ମହାନ୍ତିଙ୍କ ଗୀତି କବିତା, ସ୍ୱର ସଂଯୋଜନାରେ ଏହି ଗୀତିଟି ମନଛୁଆଁ ହୋଇଛି।

"ଫଗୁଣ ତ କଥା କହେ କୋଇଲି ଗୀତରେ
ଆଉ ତମେ କଥା କୁହ ତୁମରି ଆଖିରେ ।
ଫଗୁଣ ତ ହସେ ଖାଲି ଫୁଲ ପାଖୁଡ଼ାରେ
ନିତି ପୁଣି ଝରି ଯାଏସେ ଫୁଲ ସଞ୍ଚାରେ
ଫଗୁଣ କି ତୁମଠାରୁ ଭଲ କେବେ ହେବ
ପଣତର ପବନଠୁ ସମୀର କି ସୁଶୀତଳ ହେବ
ଫଗୁଣ ତ ଆସେ ଯାଏ ଏ ଧରାର ବୁକେ
କେହି କି'ବା ସବୁଦିନେ ତାକୁ ମନେ ରଖେ ।"

ଏହି ଗୀତଟିରେ ଅକ୍ଷୟ ମହାନ୍ତି ଫଗୁଣକୁ ବିଭିନ୍ନ କ୍ଷେତ୍ରରେ ଅନୁଭବ କରିଛନ୍ତି । ଗୀତି କବିତାଟି ଅତି ସୁନ୍ଦର ଓ ଭାବପୂର୍ଣ୍ଣ ହୋଇଛି।

ଗୀତିକାର ନନ୍ଦ କିଶୋର ସିଂହଙ୍କ ଗୀତି କବିତାକୁ ସ୍ୱର ସଂଯୋଜନା କରିଛନ୍ତି ଅକ୍ଷୟ ମହାନ୍ତି ଓ କଣ୍ଠଦାନ କରିଛନ୍ତି ତୃପ୍ତି ଦାସ।

"ସ୍ନେହର ଫଗୁଣ ତୁମେ ଅଲିଅଳ ଲଗନେ
କୁମାରୀ ମନ ମୋ ଭର ଝିଲିମିଲି ସପନେ । "

ଗୀତିକାର ଦେବଦାସ ଛୋଟରାୟଙ୍କ ଗୀତି କଥାରେ ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନା ଓ କଣ୍ଠରେ ଏହି ଗୀତଟି ଅମରତ୍ୱ ଲାଭ କରିଛି। ଏହି ଗୀତର ମୁଖୁଡ଼ାରେ :

"ନାଆଁଟ ତାର ଚମ୍ପା
ମୁହଁରେ ତା'ର ଫଗୁଣଟିଏ
ହେଇଛି ସତେ ଅଙ୍କା..."

ଗୀତର ଅନ୍ତରାରେ ମଧ୍ୟ ଫଗୁଣ ଶବ୍ଦଟି ଅତି ସୁନ୍ଦର ଭାବେ ବ୍ୟବହାର କରାଯାଇଛି।

"ନଖରେ ସେ ଟାଣି ପାରେ
ଗାର କେତେ ଫଗୁଣର
ଇସାରାରେ ବାଜି ଉଠେ
ରକ୍ତରେ ଘୁଙ୍ଗୁର ।....
ଦେହଟି ତା'ର ଅଜଣା କେଉଁ ରଙ୍ଗର ଲଫାପା..."

ଗୀତିକବି ନନ୍ଦକିଶୋର ସିଂହଙ୍କ ଗୀତିକଥାରେ କଣ୍ଠଶିଳ୍ପୀ ଚିତ୍ତ ଜେନା କଣ୍ଠଦାନ କରି ସବୁରି ପ୍ରଶଂସାଭାଜନ ହୋଇପାରିଥିଲେ।

"ସୂର୍ଯ୍ୟ ଉଠିଲେ ପ୍ରଥମେ ଚାହିଁବ ମୋ ପ୍ରିୟାର ଗାଁ ଆଡ଼େ
ଜହ୍ନ ଉଇଁଲେ ପ୍ରଥମେ ଚାହିଁବ ମୋ ପ୍ରିୟାର ଝରକାରେ
ଆଷାଢ଼ ଆସିଲେ ପ୍ରଥମେ ଚାହିଁବ
ମୋ ପ୍ରିୟାର କୁନ୍ତଳକୁ
ଫଗୁଣ ଆସିଲେ ପ୍ରଥମେ ଦେଖିବ
ମୋ ପ୍ରିୟାର ଅଧରକୁ
ବିହଗ କାକଳି ପ୍ରଥମେ ଝରିବ ମୋ ପ୍ରିୟାର କଣ୍ଠସୁରେ ।"

ବସନ୍ତର ବର୍ଣ୍ଣନାରେ କବିଙ୍କର ଲେଖନୀ ସବୁବେଳେ ଚଳଚଞ୍ଚଳ ହୋଇଉଠିଛି। ଓଡ଼ିଶାର ବହୁ ଗୀତି କବି ଫଗୁଣକୁ ନେଇ ଅନେକ ରସମୟ ହୃଦୟସ୍ପର୍ଶୀ ଗୀତ ରଚନା କରି ଓଡ଼ିଆ ସଙ୍ଗୀତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ବସନ୍ତ ମଣିଷର ମନରେ ରଙ୍ଗର ତରଙ୍ଗ ଖେଳାଇ ଦିଏ। ଭକ୍ତ କବି ମଧୁସୂଦନ ରାଓ ଲେଖିଛନ୍ତି:-

"ବିଷାଦର କଥା ଛି ଛି କହିବି କେମନ୍ତେ
ଅନୁଭବୀ ମୋ ଅନ୍ତରରେ ଅନନ୍ତ ବସନ୍ତେ ।"

ସେହି ଅନନ୍ତ ବସନ୍ତ ହିଁ ମଣିଷର ପ୍ରାଣକୁ ପ୍ରାଚୁର୍ଯ୍ୟରେ ରସାଣିତ କରେ। ବସନ୍ତର ବର୍ଣ୍ଣବିଭାରେ ଓଡ଼ିଆ ସଙ୍ଗୀତ ଜଗତ ଏଭଳି ଭାବେ ଋଦ୍ଧିମନ୍ତ ହୋଇଛି। ■

ପ୍ଲଟ୍ ନଂ: ୨୭୫, ଭଗବାନପୁର
ପାନ୍ଥପଡ଼ା, ଭୁବନେଶ୍ୱର
ମୋ: ୯୪୩୭୩୫୫୬୪୬

ଓଡ଼ିଆ କବିତାରେ ବସନ୍ତ

କବିମାନଙ୍କର ପ୍ରିୟ ଋତୁ ବସନ୍ତ । ଶୁଖିଲା ପତ୍ର ଝଡ଼ି ପଡ଼ିବା ଭିତରେ ଏବଂ ନୂତନ ପତ୍ର କଅଁଳିବା ଭିତରେ ବସନ୍ତର ଆଗମନ । ଚାରିଆଡେ ରଙ୍ଗିନ ଫୁଲର ଶୋଭା । କ୍ଷେତରେ ନୂଆ ଫସଲ ଓ ଚାଷୀର ମନ ଭିତରେ ଅଫୁରନ୍ତ ଆନନ୍ଦ । ବସନ୍ତ ଋତୁର ଆଗମନ କବି, ଲେଖକ, ଭାବୁକମାନଙ୍କ ଭିତରେ ନୂତନ ଉତ୍ସାହ ଏବଂ ଉଦ୍ଦୀପନା ଭରିଦିଏ । ଭରତୀୟ ସାହିତ୍ୟରେ ବସନ୍ତକୁ ନେଇ କେତେ ଯେ କାବ୍ୟ କବିତା ରଚିତ ହୋଇଛି, ତା'ର ହିସାବ ଖୋଜି ପାଇବା କଷ୍ଟ । ସଂସ୍କୃତ ସାହିତ୍ୟରେ ବସନ୍ତ ଋତୁକୁ ନେଇ ମହାକବି କାଳିଦାସଙ୍କଠାରୁ ଆରମ୍ଭ କରି ଜୟଦେବ ଓ ଭାରବୀଙ୍କ ପର୍ଯ୍ୟନ୍ତ କବିମାନେ ଯାହା ସୃଷ୍ଟି କରିଯାଇଛନ୍ତି ତାହା ଅନନ୍ୟ ।

ଭାସ୍କର ପରିଚ୍ଛା

ଓଡ଼ିଆ କବିମାନଙ୍କ ଦୃଷ୍ଟିକୋଣରୁ ବସନ୍ତକୁ ଦେଖିଲେ ଏକ ମନୋରମ କାବ୍ୟବିଭା ଦୃଷ୍ଟିଗୋଚର ହୁଏ । କବିମାନେ ଛଅଟି ଋତୁ ମଧ୍ୟରୁ ଗୋଟିଏ ବୋଲି ନିଜର ଭାବନା ବ୍ୟକ୍ତ କରିଛନ୍ତି । ଓଡ଼ିଆ କବିତାରେ ବସନ୍ତ କେବଳ ଋତୁଚକ୍ରର ଏକ ପର୍ଯ୍ୟାୟ ନୁହେଁ; ସେ ହେଉଛି ରସ, ରୂପ ଓ ରମ୍ୟତାର ଏକ ସଂପୂର୍ଣ୍ଣ ଅଭିଜ୍ଞାନ । ଏହା ପ୍ରକୃତିର ନବଜାଗରଣ ସହିତ ମାନବ ମନର ଉତ୍ସାହ, ପ୍ରେମ, ଭକ୍ତି ଓ ସଚେତନତାର ଉତ୍ସବକୁ ସୂଚାଏ । ଓଡ଼ିଆ କାବ୍ୟ କବିତାରେ ବସନ୍ତର ବର୍ଣ୍ଣନା କିଛି ଖୁବ ରସାଳ । ବସନ୍ତକୁ ନେଇ ଓଡ଼ିଆ କବିତାରେ ଯୁଗଭେଦ ଅନୁସାରେ ବହୁ କବିତା ଲେଖା ହୋଇଛି । ପ୍ରାଚୀନ ଶୃଙ୍ଗାରିକ କାବ୍ୟରୁ ଆଧୁନିକ ପ୍ରତିବାଦୀ କବିତା ପର୍ଯ୍ୟନ୍ତ ବସନ୍ତ ଓଡ଼ିଆ ସାହିତ୍ୟରେ ଏକ ଶାଶ୍ୱତ ପ୍ରତୀକ ।

ପ୍ରାଚୀନ ଓଡ଼ିଆ କାବ୍ୟଧାରାରେ ବସନ୍ତର ଚିତ୍ରଣ ଅତ୍ୟନ୍ତ ରଙ୍ଗିନ ଓ ରସମୟ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ବସନ୍ତ ହେଉଛି ଶୃଙ୍ଗାରର ରାଜା । ତାଙ୍କ ଅଳଙ୍କାରମୟ ଶୈଳୀରେ କୋକିଳର କୁହୁକୁହୁ ସ୍ୱର, ମଳୟ ପବନର ସ୍ପର୍ଶ, ପଳାଶର ରକ୍ତିମ ରଙ୍ଗ ଓ କୁସୁମିତ ବନସ୍ଥଳୀର ରୂପ ଏକ ଅପୂର୍ବ କ୍ୟାନଭାସ୍ ପରି ଜୀବନ୍ତ ହୋଇଯାଏ । ବସନ୍ତ ଏଠାରେ ପ୍ରେମିକ-ପ୍ରେମିକାଙ୍କ ମିଳନର ଅନୁକୂଳ ସମୟ, ରାଗ ଓ ରସର ପରିପାକ ଯଥା:- "ବସନ୍ତ ସମୟ ଅତି ରସମୟ/ ରଭସ ପ୍ରବେଶ ଆସି ଯେ/ ବିଦ୍ରୁମ ଛବି ସଦ୍ରୁମ ଲତା ଭାବି/ ପଲ୍ଲବେ ବିକଶି ଦିଶି ଯେ/ ବିକଶି-ବିଳାସି କୁସୁମ ମାନ ।" (ଉପେନ୍ଦ୍ରଭଞ୍ଜ) ଏହି ଧାରାରେ ଅଗ୍ରସର ହୋଇ କବିସୂର୍ଯ୍ୟ ବଳଦେବ ରଥ ବସନ୍ତକୁ ରାଧା-କୃଷ୍ଣର ଦିବ୍ୟ ଲୀଳା ସହ ଯୋଡ଼ି ଦେଇଛନ୍ତି । ତାଙ୍କ କାବ୍ୟରେ ବସନ୍ତ ହେଉଛି ଭକ୍ତି ଓ ଶୃଙ୍ଗାରର ସମନ୍ୱୟ । ଫୁଲର ସୁଗନ୍ଧ ମନର ଭାବନା ସହ ଏହା ମିଶିଯାଏ, କୋକିଳର ଧ୍ୱନି ଭକ୍ତିର ସୁର ପାଲଟି ଯାଏ । ବସନ୍ତରେ ପ୍ରକୃତି ମଧ୍ୟ ସତେ ଯେପରି ରାଧା-କୃଷ୍ଣଙ୍କ ରାସରେ ଅଂଶଗ୍ରହଣ କରୁଛି!

ଓଡ଼ିଆ ଭକ୍ତିକାବ୍ୟ ପରମ୍ପରାର ଅନ୍ୟତମ କବି ଦୀନକୃଷ୍ଣ ଦାସଙ୍କ ରଚନାରେ ବସନ୍ତ ଦିବ୍ୟ ରାସ ଓ ଆଧ୍ୟାତ୍ମିକ ଆନନ୍ଦର ପ୍ରତୀକ । ବୃନ୍ଦାବନର କୁଞ୍ଜବନରେ ବସନ୍ତ ଆସିଲେ ଭକ୍ତର ମନ ଉଲ୍ଲସିତ ହୁଏ । ଏଠାରେ ବସନ୍ତ କେବଳ ପ୍ରକୃତିର ନବପ୍ରଭା ନୁହେଁ, ଆତ୍ମାର ପରିଶୁଦ୍ଧତାର ଚିହ୍ନ ମଧ୍ୟ ।

ଊନବିଂଶ ଶତାବ୍ଦୀରେ ଓଡ଼ିଆ କବିତା ନୂତନ ଚେତନାର ଅନୁଭବ କରିଥିଲା । ରାଧାନାଥ ରାୟ ବସନ୍ତକୁ ଜାତୀୟ ଜାଗରଣର ପ୍ରତୀକ ଭାବେ ଦେଖିଥିଲେ । ତାଙ୍କ କାବ୍ୟରେ ବସନ୍ତ ହେଉଛି ନୂତନ ଚେତନାର ଆହ୍ୱାନ- ଦେଶ, ସମାଜ ଓ ମନୁଷ୍ୟର ଜୀବନରେ ପରିବର୍ତ୍ତନର ସୂଚନା । ବସନ୍ତ ଋତୁରେ ପ୍ରକୃତିର ନବପତ୍ର ଯେପରି କଅଁଳେ, ସେପରି ମନରେ ମଧ୍ୟ ନୂତନ ଆଶା ଜନ୍ମ ନିଏ ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତାରେ ବସନ୍ତ ପ୍ରକୃତିର ସଜୀବ ଓ ଗ୍ରାମୀଣ ଚିତ୍ରରାଜି ବହନ କରିଛି । ଶସ୍ୟଶ୍ୟାମଳ ମାଟି, ଫୁଲରେ ଭରିଥିବା ଡାଳି, ହରିତ ମଞ୍ଜରୀ- ସବୁକିଛି ତାଙ୍କ ଶବ୍ଦରେ ଜୀବନ୍ତ ହୋଇଛନ୍ତି । ବସନ୍ତ ଏଠାରେ ମାଟି ସହ ମନୁଷ୍ୟର ଗାଢ଼ ସମ୍ପର୍କକୁ ପ୍ରକାଶ କରିଛି ଯଥା :

"ବସନ୍ତ ବିଜୟ ବାରତା ପ୍ରସରିଲା ଭୁବନେ/ ପଦବ ଆନୀତ ପତର ପରଭୃତ ପଠନେ ।"

ବିଂଶ ଶତାବ୍ଦୀରେ ଓଡ଼ିଆ କବିତାରେ ବସନ୍ତ ନୂତନ ଅର୍ଥ ନେଇ ପ୍ରବେଶ କରିଛି । ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତାରେ ବସନ୍ତ କେବେ କେବେ ବିଦ୍ରୋହର ସଙ୍କେତ ବି । ଏହା ନୂତନ ସମାଜର ଆହ୍ୱାନ, ଅନ୍ୟାୟ ଓ ଅସମାନତା ବିରୋଧରେ ଉଠୁଥିବା ସ୍ୱର ମଧ୍ୟ । ବସନ୍ତ ଏଠାରେ କେବଳ ଫୁଲ ଓ ସୁଗନ୍ଧ ନୁହେଁ; ସେ ହେଉଛି ନୂତନ ଯୁଗର ପ୍ରବେଶ ଦ୍ୱାର ଯେମିତି କି : "ବସନ୍ତ ଆସେ ଯେ ଠେଲି/ ଧକ୍କା ଖାଇ କୁକୁଡ଼ା ଦେହରେ/ ଭାଙ୍ଗି ବହୁ ମହୁର ସୁରେଇ/ ମାଟିରେ ଗଡ଼ାଇ ଅବା/ ଫୁଲବଣ ସଂଜେ ।"

କବି ଗୁରୁପ୍ରସାଦ ମହାନ୍ତିଙ୍କ କବିତାରେ ବସନ୍ତର ଆବେଦନ କିଛି ଏହିଭଳି : "ବସନ୍ତରେ ମନେପଡ଼େ ପାସୋର ନଈର ବାଙ୍କ, ହଳଦୀ ବସନ୍ତ/ ଦୂର ଗାଁ ଶଗଡ଼ଗୁଳା, ଗୋଡ଼ ଘଷା ତୁଠର ପଥର, କାନଦୁଲ ପରି ଝୁଲେ ଆକାଶରେ ଗୋରା ଦିପହର/ ପବନରେ ଭାରି ଗନ୍ଧ ଦୂର ତୋଟା ଆମ୍ବ ବଉଳର ।"

କବି ପ୍ରତିଭା ଶତପଥୀଙ୍କ କବିତାରେ ବସନ୍ତର ବର୍ଣ୍ଣନା ଅତି ଚମତ୍କାର : "ମାଟିରେ ଘାସରେ ଫୁଲ ଥୁଣ୍ଟାଗଛେ ଅଚାନକ ଫୁଲ ନିଆଳି ଅଶୋକ ବାଣେ ବିଚଳିତ ଯୋଗୀ ମହେଶ୍ୱର/ କିଶୋରୀର ଆଖି, ଓଠ, କର୍ଣ୍ଣମୂଳ, କେଶ/ବସନ୍ତ ଆସେ ସେ ଚଢ଼ି ନୀଳରଥ/ ଲକ୍ଷଲକ୍ଷ କୁନିପତ୍ର ଉଜ୍ଜ୍ୱଳ ପତାକା ଉଡ଼ାଇ/ ତା' ଦେହସାରା ମଲ୍ଲୀ ଓ ପଳାଶ ।"

କବି ଗିରିବାଳା ମହାନ୍ତିଙ୍କ ବର୍ଣ୍ଣନାରେ ବସନ୍ତ : "ମହୁମାଛି ଗୁଣୁଗୁଣୁ ଦକ୍ଷିଣା ସହିତ/ଶିମୁଳି ଓ ପଳାଶର ଗହଗହ ସଭା/ ମୁଚୁକୁନ୍ଦର ମଉତା ଓ ଆକୁଳ ବକୁଳସହ/ ମିଶିଯାଉଥୁବ ଆନଫୁଲଙ୍କ ସୁରଭି/ଥାଟରେ ଆସୁଥୁବ ବସନ୍ତ ମଉହସ୍ତୀ ପରି ଝୁଲିଝୁଲି ।"

ଆଧୁନିକ କବିମାନେ ମଧ୍ୟ ବସନ୍ତକୁ ବ୍ୟକ୍ତିଗତ ଅନୁଭୂତି ସହ ଯୋଡ଼ିଛନ୍ତି । କେହି ତାହାକୁ ପ୍ରେମର ନୂତନ ଆରମ୍ଭ ଭାବେ ଦେଖିଛି ତ, ଅନ୍ୟ କେହି ତାହାକୁ ହୃଦୟର ନୀରବ ସ୍ୱପ୍ନର ଉତ୍ସବ ଭାବେ । ଆଧୁନିକ କବିତାରେ ବସନ୍ତ ସହରୀୟ ପରିବେଶରେ ମଧ୍ୟ ଫୁଟିଉଠେ । କଙ୍କ୍ରିଟ୍ ଜଙ୍ଗଲ ମଧ୍ୟରେ ବସନ୍ତର ଫୁଲ ମାନେ ଆଶାର ପ୍ରତୀକ ।

କବି ଶତ୍ରୁଘ୍ନ ପାଣ୍ଡବ 'ବସନ୍ତ ଋତୁ'କୁ ଏହିଭଳି ଦେଖିଛନ୍ତି: "ବସନ୍ତ ଆସେନି ଯେହେତୁ ଏକ ନିର୍ଦ୍ଦିଷ୍ଟ ଋତୁ ଓ ମାସରେ/ ବସନ୍ତ ଆସିଛି ବୋଲି ଅନୁମାନ କରି କୋଇଲି ପଦେ ଅଧେ ବୋଲେ/ ଆମେ ବି କରିବା କ'ଣ ଆପଣ ଶୁଣି ନ ପାରିଲେ ଯଦି/ ନିଶ୍ଚିନ୍ତ କୋଇଲିରେ ତା'ର କୁହୁ ବର୍ଷାବଧି ।"

ଓଡ଼ିଆ କବିତାରେ ବସନ୍ତର ମୁଖ୍ୟ ଉପାଦାନଗୁଡ଼ିକ ହେଲା: କୋକିଳର ମଧୁର କୁହୁକୁହୁ, ମଳୟ ପବନର ସ୍ପର୍ଶ, ପଳାଶ ଓ କୃଷ୍ଣଚୂଡ଼ାର ରକ୍ତିମ ରଙ୍ଗ, ମଞ୍ଜୁଳ ମଞ୍ଜରୀର ମାଧୁର୍ଯ୍ୟ, ପ୍ରେମ, ମିଳନ ଓ ନୂତନ ଆଶାର ଅନୁଭୂତି ।

ଓଡ଼ିଆ କବିତାରେ ବସନ୍ତ ଏକ ବହୁମାତ୍ରିକ ପ୍ରତୀକ । ପ୍ରକୃତିର ରୂପ ମାଧୁର୍ଯ୍ୟ, ଭକ୍ତିର ଉଲ୍ଲାସ, ପ୍ରେମର ସ୍ପନ୍ଦନ ଓ ସମାଜ ପରିବର୍ତ୍ତନର ଆଶାକୁ ଏକ ସୂତ୍ରରେ ବାନ୍ଧିଛି ଓଡ଼ିଆ ବସନ୍ତ କବିତା । ■



ଖାଦ୍ୟପେୟ ପ୍ରତି ସତର୍କତା

ଋତୁ ଭିତରେ ରାଜା ବସନ୍ତ । ଋତୁରାଜ ବସନ୍ତର ଆଗମନରେ ବୃକ୍ଷ ଫୁଲରେ ଭରି ଉଠେ । ସେହିପରି ବସନ୍ତ ଉତ୍ସବର ସମୟ ହୋଇଥିବାରୁ ଏହା ମନକୁ ପ୍ରସନ୍ନ ରଖେ । ତେବେ ବସନ୍ତ ଋତୁରେ ପାଗ ପରିବର୍ତ୍ତନ ହୋଇଥାଏ । ତେଣୁ ଅନ୍ୟ ଋତୁ ଭଳି ବସନ୍ତ ଋତୁରେ ବି କିଛି ଖାଦ୍ୟ-ପାନୀୟ ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦରକାର । ଏହି ଋତୁରେ କେଉଁ ପ୍ରକାର ଖାଦ୍ୟ ସହିତ ସ୍ୱାସ୍ଥ୍ୟର କିଭଳି ଯତ୍ନ ନେବା ଦରକାର, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା ।

ହାଲୁକା ଖାଦ୍ୟ ଭଲ

ବସନ୍ତ ଋତୁରେ ଗରିଷ୍ଠ ଖାଦ୍ୟ ଖାଇବା ପରିବର୍ତ୍ତେ ହାଲୁକା ଖାଦ୍ୟ ଖାଇବା ଭଲ । ଅତ୍ୟଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା ଅନୁଚିତ । ଦହି, ଖେଚୁଡ଼ି, ମୁଗ ଡାଲି, ବିଭିନ୍ନ ପ୍ରକାରର ସୁପ୍‌କୁ ଖାଦ୍ୟରେ ସାମିଲ କରିବା ଉଚିତ । ବିଶେଷକରି ପନିପରିବା, ମକା ସୁପ୍ ଆଦି ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଉପମା, ଇଡ୍‌ଲି, ଦଲିଆ ଆଦି ଖାଇବା ଉଚିତ । ଏସବୁ ଖାଦ୍ୟ ସହଜରେ ହଜମ ହୋଇଥାଏ । ଏହାବାଦ୍ ବିଟ୍ ହାଲୁଆ, ବିଟ୍ କେକ୍, ବିଟ୍ ପରଟା ଆଦି ସ୍ୱାସ୍ଥ୍ୟ ପକ୍ଷେ ହିତକର ।

ପୁଷ୍ଟିକର ଖାଦ୍ୟକୁ ଗୁରୁତ୍ୱ

ବସନ୍ତ ଋତୁରେ ପାଗ ପରିବର୍ତ୍ତନ ହୋଇଥାଏ । ଫଳରେ ଶରୀରରେ ବି ଅନେକ ପରିବର୍ତ୍ତନ ଘଟିଥାଏ । ଏଭଳି ସ୍ଥଳେ ଖାଦ୍ୟ-ପାନୀୟରେ ଟିକିଏ ବି ଅସାବଧାନତା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ । ତେଣୁ ହାଲୁକା ଓ ପୁଷ୍ଟିକର ଖାଦ୍ୟ ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ । ବସନ୍ତ ଋତୁରେ ଫଳ ଓ ପନିପରିବା ଖାଇବା ଭଲ । ବିଶେଷକରି ଗାଜର, ବିନ୍ସ, ବିଟ୍, ବ୍ରୋକଲି, ବନ୍ଧାକୋବି, ଲାଉ, ସୋରିଷ ଶାଗ, ଫୁଲକୋବି, ପାଳଙ୍ଗ, ପୋଟଳ, ଝୁଡ଼ଙ୍ଗ, କଞ୍ଚା ଆମ୍ବ ଭଳି ଆହୁରି ଅନ୍ୟ ପନିପରିବା ଖାଇବା ଉଚିତ ।

ଫଳର ଆଦର ଅଧିକ

ବସନ୍ତ ଋତୁରେ ଷ୍ଟ୍ରବେରି ଓ ଅଙ୍ଗୁର ଭଲ ମିଳେ । ଏସବୁ ସମେତ ସେଓ, ଅଙ୍ଗୁର, ଡାଳିମ୍ବ, ତରଭୁଜ, କମଳା, ଆମ୍ବ ଆଦି ଫଳକୁ ଖାଦ୍ୟରେ ସାମିଲ କରିବା ଦରକାର । ଏହି ସମୟରେ ଜାମୁକୋଳି ମିଳିଥାଏ । ତରଭୁଜ, ଅଙ୍ଗୁର, କମଳା ଆଦିରୁ ଶରୀରକୁ ଜଳୀୟ ଅଂଶ ଅଧିକ ମିଳିଥାଏ । ତା'ସହ ଶରୀରକୁ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ଯୋଗାଏ । ଏଥିରେ ଥିବା ପ୍ରାକୃତିକ ଶର୍କରା ତୁରନ୍ତ ଶରୀରକୁ ଶକ୍ତି ପ୍ରଦାନ କରେ ।

ସରବତ, ପଣାର ଚାହିଦା

ବସନ୍ତ ଋତୁରେ ପ୍ରଚୁର ପାଣି ପିଇବା ଆବଶ୍ୟକ । ତେଣୁ କରି ବିଭିନ୍ନ ପ୍ରକାର ସରବତ ସହିତ ପଣା, ଲସି ପିଇବାକୁ ଲୋକେ ଖୁବ୍ ପସନ୍ଦ କରନ୍ତି । ଏସବୁ ପାଚନ କ୍ରିୟାକୁ ଭଲ ରଖିବାରେ ସାହାଯ୍ୟ କରେ । ବେଲ ପଣା, ଆମ୍ବ ରସ, ଆଖୁ ରସ, ପଇଡ଼, ଲସି, ଦହି ସରବତ ଆଦି ଅଧିକ ଲୋଡ଼ୋ ପଡ଼େ । କେବଳ ସେତିକି ନୁହେଁ, ଲେମ୍ବୁ ପାଣି, ଜୁସ୍ ବି ସ୍ୱାସ୍ଥ୍ୟ ଲାଗି ଉପକାରୀ । ଆଜିକାଲି ଲେମ୍ବୁ, ପୁଦିନା ପାଣି ବିଭିନ୍ନ ସ୍ଥାନରେ ବିକ୍ରି ମଧ୍ୟ ହେଉଛି । ଅନ୍ୟପକ୍ଷରେ ପ୍ରଚୁର ସାଧା ପାଣି ପିଇବା ଆବଶ୍ୟକ ।

କ'ଣ କରିବେ

- ବସନ୍ତ ଋତୁରେ ଷ୍ଟ୍ରିଟ୍‌ଫୁଡ୍ ଖାଦ୍ୟ ନ ଖାଇବା ଭଲ ।
- ଖାଦ୍ୟରେ ଖଟା ଜାତୀୟ ମୌସୁମୀ ଫଳକୁ ସାମିଲ କରିବା ଉଚିତ ।
- ଅଁଳା, କମଳା, ଅଙ୍ଗୁର ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର ।
- ଯଥାସମ୍ଭବ ପ୍ରଚୁର ସବୁଜ ପନିପରିବା ଖାଇବା ଉଚିତ ।
- ଶରୀରରେ ଜଳୀୟ ଅଂଶ ଅଭାବ ହେଲେ ଇମ୍ୟୁନିଟି ଦୁର୍ବଳ ହୋଇଥାଏ । ପ୍ରଚୁର ପାଣି ପିଇବା ଉଚିତ ।

କ'ଣ କରିବେନି

- କୋଲ୍ଡ୍‌ଡ୍ରିଙ୍କସ, ଆଇସ୍‌କ୍ରିମ୍ ଭଳି ଥଣ୍ଡା ପାନୀୟଠାରୁ ଦୂରରେ ରହିବା ଭଲ ।
- ଅଧିକ ତେଲ, ମସଲା ଯୁକ୍ତ ଖାଦ୍ୟଠୁ ଦୂରେଇ ରହିବା ଦରକାର ।
- ଏକକାଳୀନ ଅଧିକ ବେଶି ଖାଦ୍ୟ ଖାଆନ୍ତୁ ନାହିଁ । ଏହା ଦ୍ୱାରା ଖାଦ୍ୟ ହଜମ ହୋଇ ନ ଥାଏ ।
- ଦିନରେ ନ ଶୋଇବା ଭଲ ।
- ଗରମ ପୋଷାକ ପିନ୍ଧିବା ଅନୁଚିତ ।
- ମିଠା ଜାତୀୟ ଖାଦ୍ୟ ନ ଖାଇବା ଭଲ । ■

ବସନ୍ତ ଋତୁରେ ଫେଶନ

ଶୀତର ସ୍ପର୍ଶ ଶେଷ ହେଲେ, ପୃଥିବୀରେ ମୃଦୁ ସ୍ପନ୍ଦନ ଆରମ୍ଭ ହୁଏ । ସେହି ସ୍ପନ୍ଦନ ହେଉଛି ଋତୁରାଜ ବସନ୍ତ । ଏହା କେବଳ ଋତୁ ନୁହେଁ, ଏକ ଅନୁଭୂତି । ଯାହା ପ୍ରକୃତିର ପ୍ରତ୍ୟେକ କୋଣକୁ ରଙ୍ଗିନ କରିଥାଏ । ଗଛ ଡାଳରେ ନୂଆ ପତ୍ର ଫୁଟି ଉଠେ, ପ୍ରକୃତି ସବୁଜିମାରେ ଭରିଯାଏ । ସକାଳର ଶୀତଳ ପବନ,ଆମ୍ବ ସୁଗନ୍ଧ, ପଳାଶ ଫୁଲର ରଙ୍ଗ ଏବଂ କୋଇଲିର କୁହୁ ତାନ ମନରେ ଭରିଦିଏ ଅଜଣା ଆନନ୍ଦ । ଏହି ସମୟରେ ଜଳବାୟୁ ଖାଦ୍ୟପେୟ ଭଳି ପୋଷାକ ପରିଧାନକୁ ନେଇ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ । ବସନ୍ତ ଋତୁର ଫେଶନକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।

ବିଭିନ୍ନ ରଙ୍ଗର ହାଲ୍‌କା ପୋଷାକ : ବସନ୍ତ ଋତୁରେ ହାଲ୍‌କା ଆରାମଦାୟକ ପୋଷାକ ଉପରେ ଲୋକେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଏଥିପାଇଁ ହଳଦିଆ, ହାଲ୍‌କା ଗୋଲାପି, ଲାଇଲନ୍ କୁର୍ତ୍ତୀ, ଫ୍ଲୋରାଲ୍ ପ୍ରିଣ୍ଟ ଚନ୍ଦେରୀ ଶାଢ଼ି ଆଦି ନାରୀମାନେ ପିନ୍ଧିବାକୁ ପସନ୍ଦ କରିଥାନ୍ତି । ସେହିପରି କୁର୍ତ୍ତୀ ସହ ଜ୍ୟାକେଟ୍ ମଧ୍ୟ ଭଲ ବିକଳ୍ପ ହୋଇଥାଏ । ଏହି ସମୟରେ ଅଧିକ ଖରା କିମ୍ବା ଶୀତ ଅନୁଭୂତ ହେଉ ନ ଥିବାରୁ ଆରାମଦାୟକ ପୋଷାକ ପିନ୍ଧିଲେ ଭଲ ଲାଗିଥାଏ ।

ଲାଇଲନ୍ ସାର୍ଟ ଏବଂ ପ୍ୟାଣ୍ଟ : ଲାଇଲନ୍ ସାର୍ଟ ଏବଂ ପ୍ୟାଣ୍ଟ ଭଲ ବିକଳ୍ପ ହୋଇଥାଏ । ଏହା ହାଲ୍‌କା ହେବା ସହ ଏଥିରେ ବାୟୁ ଚଳାଚଳ ଭଲ ହୋଇଥାଏ । ତେଣୁ ଏଭଳି ପୋଷାକ ପିନ୍ଧିଲେ ଆରାମଦାୟକ ଲାଗିଥାଏ । ଧଳା ଏବଂ ହାଲୁକା ନୀଳ ରଙ୍ଗର ଲାଇଲନ୍ ସାର୍ଟ ସହ ଢିଲା ଟ୍ରାଉଜର ପିନ୍ଧିଲେ ଭଲ ମାନିଥାଏ । ଏହା ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଲାଗିଥାଏ । ସେହିପରି ଏହାକୁ ଯେ କୌଣସି ପାର୍ଟି, ଫଙ୍କ୍‌ସନ୍‌ରେ ପିନ୍ଧି ଯାଇପାରିବେ ।

ଜ୍ୟାକେଟ୍ ସହ କୁର୍ତ୍ତା : ପାରମ୍ପରିକ ସହ ଆଧୁନିକ ଲୁକ୍ ଚାହୁଁଥିଲେ, ଜ୍ୟାକେଟ୍ ସହ କୁର୍ତ୍ତା ସେଟ୍ ପିନ୍ଧିଲେ ଭଲ ହୋଇଥାଏ । ଏଥିରେ କୁର୍ତ୍ତା, ପାଜାମା ଏବଂ ଜ୍ୟାକେଟ୍ ସାମିଲ ଥାଏ । ଏହି ସବୁ ମିଶିଲେ ଏକ ସୁନ୍ଦର ଲୁକ୍ ମିଳିଥାଏ ।

ଜିନ୍ସ ସହ ସର୍ଟ କୁର୍ତ୍ତୀ : ବର୍ତ୍ତମାନ ସମୟରେ ମହିଳାଙ୍କ ମଧ୍ୟରେ ସର୍ଟ କୁର୍ତ୍ତୀ ଖୁବ୍ ପ୍ରିୟ ରହିଛି । ଏଭଳି ପୋଷାକ ପିନ୍ଧିଲେ ଏକ ଯୁବ ସୁଲଭ ଚେହେରା ଦେଖିବାକୁ ମିଳିଥାଏ । ପସନ୍ଦ ଅନୁସାରେ ପାରମ୍ପରିକ ପ୍ରିଣ୍ଟ ଥିବା କୁର୍ତ୍ତୀ ପିନ୍ଧିପାରିବେ । ଏହାକୁ ପ୍ଲାଜୋ, ପ୍ୟାଣ୍ଟ ଏବଂ ଡେନିମ୍ ଜିନ୍ସ ସହ ପିନ୍ଧିପାରିବେ । ଜିନ୍ସ ସହ କୁର୍ତ୍ତୀ ଏହା ସର୍ବଦା ଟ୍ରେଣ୍ଡରେ ଥାଏ । ତେଣୁ ଏହାକୁ ବସନ୍ତ ଋତୁରେ ପିନ୍ଧି ନିଜକୁ ଏକ କୁଲ୍ ଲୁକ୍ ଦେଇପାରିବେ । ଏହାକୁ କଲେଜ ଏବଂ ଅଫିସ୍ ପାଇଁ ପିନ୍ଧି ପାରିବେ ।

ଆରାମଦାୟକ ଫ୍ୟାବ୍ରିକ୍ ଚୟନ: ବସନ୍ତ ଋତୁରେ ସୂତା, ରେୟନ, ଖଦି, ସିଲ୍‌କ ପୋଷାକ ପିନ୍ଧିବା ଭଲ । ଏଭଳି ପୋଷାକ ପିନ୍ଧିଲେ ଆରାମଦାୟକ ଅନୁଭୂତି ମିଳିଥାଏ । ହଳଦିଆ, କମଳା ଏବଂ ହାଲ୍‌କା ରଙ୍ଗର ପୋଷାକ ଏହି ସମୟରେ ଖୁବ୍ ସୁନ୍ଦର ଲାଗିଥାଏ ।

ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି: ବସନ୍ତ ଋତୁରେ ମହିଳାମାନେ ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ପିନ୍ଧିବାକୁ ପସନ୍ଦ କରିଥାଆନ୍ତି । ଏହା ହାଲୁକା ହେବା ସହ ସୁନ୍ଦର ଏବଂ ଷ୍ଟାଇଲିଶ୍ ଦିଶିଥାଏ । ନିତି ପିନ୍ଧିବାଠୁ ନେଇ ପାର୍ଟି, ଫଙ୍କ୍‌ସନ୍ ଆଦି ବିଭିନ୍ନ ଉତ୍ସବରେ ଏହା ପିନ୍ଧି ପାରିବେ । ଏଥିପାଇଁ ଜର୍ଜେଟ୍, ଅର୍ଗାଞ୍ଜା ଏବଂ ସିଲକ୍ ଫାବ୍ରିକ୍ ଭଲ ହୋଇଥାଏ ।

ଫ୍ଲୋରାଲ୍ ଲେହେଙ୍ଗା : ସମ୍ପର୍କୀୟ ତଥା ସାଙ୍ଗସାଥୀଙ୍କ ବିବାହ ଉତ୍ସବରେ ଲେହେଙ୍ଗା ପିନ୍ଧିବାକୁ ଅନେକ ପସନ୍ଦ କରିଥାନ୍ତି । ତେଣୁ ଏହି ସମୟରେ ଫ୍ଲୋରାଲ୍ ପ୍ରିଣ୍ଟ ଲେହେଙ୍ଗା ପିନ୍ଧି ପାରିବେ । ପାରମ୍ପରିକ ଲେହେଙ୍ଗାରୁ ଭିନ୍ନ ଏହି ଡିଜାଇନ୍ ଖୁବ୍ ସୁନ୍ଦର ହୋଇଥାଏ । ଏଥିରେ ମିରର୍, ଏମ୍ବ୍ରୋଡୋରୀ କାମଯୁକ୍ତ ଲେହେଙ୍ଗା ପିନ୍ଧି ପାରିବେ ।

ପୁରୁଷଙ୍କ ପାଇଁ ସୂତା ସର୍ଟ: ବିଶେଷ କରି ପୁରୁଷମାନେ ଏହି ସମୟରେ ହାଲୁକା, ଆରାମଦାୟକ ଆଉଟ୍‌ଫିଟ୍ ପିନ୍ଧିବାକୁ ଭଲ ପାଆନ୍ତି । କାରଣ ଏହି ସମୟରେ ଅଧିକ ଗରମ କି ଥଣ୍ଡା ଅନୁଭୂତ ହୁଏ ନାହିଁ । ତେଣୁ ନିଜ ସୁବିଧା ଅନୁଯାୟୀ ହଳଦିଆ, ଲେମନ୍ ଗ୍ରୀନ୍ ରଙ୍ଗର ପୋଷାକ ପିନ୍ଧିପାରିବେ ।

ଜ୍ୟାକେଟ୍ : ସାଧାରଣ କୁର୍ତ୍ତା ପାଇଜାମାକୁ ଅଧିକ ଷ୍ଟାଇଲିଶ୍ କରିବା ପାଇଁ ଏହା ଉପରେ ଜ୍ୟାକେଟ୍ ପିନ୍ଧିପାରିବେ । ଏହା ସୁନ୍ଦର ଦିଶିବା ସହ ଷ୍ଟାଇଲିଶ୍ ଲାଗିଥାଏ । ଏଥିସହ ବସନ୍ତ ଋତୁରେ ଏକ ଆରାମଦାୟକ ଅନୁଭୂତି ମିଳିଥାଏ ।

ହାଲକା ଜିନ୍ସ : ବସନ୍ତ ଋତୁରେ ପୁରୁଷମାନେ ହାଲୁକା ରଙ୍ଗ, ଆରାମଦାୟକ ଫିଟ୍ ଏବଂ ସୂତା ଡେନିମ୍ ଜିନ୍ସ ପିନ୍ଧିବା ଭଲ । ଲେଭିଜ୍, ଆମେରିକାନ୍ ଇଗଲ୍ ଭଳି ବ୍ରାଣ୍ଡର ପ୍ୟାଣ୍ଟ ପିନ୍ଧି ପାରିବେ । ଏହା ଢିଲା ହେବା ସହ ଆରାମଦାୟକ ଅନୁଭୂତି ଦେଇଥାଏ । ଏଥିସହ ଚାହିଁଲେ ସ୍ଲିମ୍ ଫିଟ୍ ଜିନ୍ସ ପିନ୍ଧିପାରିବେ । ଧଳା ଜିନ୍ସ ଷ୍ଟାଇଲିଶ୍ ଦେଖାଯାଏ, ହେଲେ ଏହାକୁ ଦେଖି ଚାହିଁ ପିନ୍ଧିବାକୁ ପଡ଼ିଥାଏ ।

ଆଙ୍କଲ ବୁଟ୍ସ : ବସନ୍ତ ଋତୁରେ ବୁଟ୍ ପିନ୍ଧିବାକୁ ଅନେକ ପସନ୍ଦ କରନ୍ତି । ଏହି ସମୟରେ ରଙ୍ଗିନ୍ ଆଙ୍କଲ ବୁଟ୍ ପିନ୍ଧିବା ଭଲ । ଏହା ପାଦକୁ ସୁନ୍ଦର ଦିଶିବା ସହ ବାୟୁ ଚଳାଚଳ ଭଲ ହୋଇଥାଏ । ସେହିପରି ପାଦକୁ ସୁରକ୍ଷା ଦେବାକୁ ଚାହୁଁଥିଲେ ଆଙ୍କଲ୍ ସାଣ୍ଡଲ ମଧ୍ୟ ପିନ୍ଧିପାରିବେ ।

ସତର୍କତା

ବସନ୍ତ ଋତୁରେ ଅଧିକ ଗାଢ଼ ରଙ୍ଗର ପୋଷାକ ପିନ୍ଧିବାଠାରୁ ଦୂରେଇ ରହିବା ଭଲ । ଏହା ଲୁକ୍‌କୁ ବିଗାଡ଼ି ଦିଏ । ଯଥା ସମ୍ଭବ ହାଲୁକା, ଆରାମଦାୟକ କପଡ଼ା ପୋଷାକ ପିନ୍ଧି ନିଜକୁ ଏକ ଭଲ ଅନୁଭୂତି ଦେଇପାରିବେ । ସେହିପରି ଫ୍ଲୋରାଲ୍ ପ୍ରିଣ୍ଟର ବିଭିନ୍ନ ଆଉଟ୍‌ଫିଟ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରିପାରିବେ । ■

ବସନ୍ତର ବ୍ୟାଧି

ପ୍ରଫେସର ଡା. ସରୋଜ ପଣ୍ଡା

ଋତୁମାନଙ୍କ ମଧ୍ୟରୁ ବସନ୍ତକୁ ଋତୁରାଜ ବୋଲି କୁହାଯାଏ । ବସନ୍ତ ଋତୁ ଉତ୍ସବର ସମୟ । ଏହି ଋତୁରେ ସୁବାସିତ ଓ ଶୀତଳ ପବନ ବହେ । ହେଲେ ଏହି ଋତୁରେ ହଠାତ୍ ପାଣିପାଗ ପରିବର୍ତ୍ତନ, ଧୂଳିକଣା, ପ୍ରଦୂଷଣ ତଥା ଅନ୍ୟାନ୍ୟ କାରଣ ଯୋଗୁଁ ଆଲର୍ଜି, ଋତୁ ଅନୁଯାୟୀ ଜ୍ୱର, ଥଣ୍ଡା, କାଶ, ଆସ୍ଥମା, ଆଖି ଧରା ବା ଆଖି ସଂକ୍ରମଣ ପରି ରୋଗ ସୃଷ୍ଟି ହୋଇଥାଏ । ବିଶେଷ କରି ବସନ୍ତ ଋତୁରେ ଛୋଟ ପିଲାଙ୍କୁ କେଉଁ କେଉଁ ରୋଗ ହୁଏ । ଏ ନେଇ କିପରି ନିଜର ଯତ୍ନ ନେବା ଦରକାର ତାହାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

ଋତୁକାଳୀନ ଆଲର୍ଜି

ବସନ୍ତ ଋତୁର ସବୁଠାରୁ ସାଧାରଣ ସମସ୍ୟା ହେଉଛି ଋତୁକାଳୀନ ଆଲର୍ଜି । ଏହି ପ୍ରକାର ଆଲର୍ଜି ହେଲେ ବାରମ୍ବାର ଛିଙ୍କିବା, ନାକରୁ ପାଣି ବୋହିବା, ନାକ ବନ୍ଦ ହେବା, ଆଖି କୁଣ୍ଡେଇ ହେବା କିମ୍ବା ପାଣି ବାହାରିବା ଏବଂ ଗଳାରେ ସମସ୍ୟା ଆଦି ଲକ୍ଷଣ ଦେଖାଦେଇପାରେ । କେବଳ ସେତିକି ନୁହେଁ, କେତେକ ପିଲାଙ୍କର ଆଖି ଲାଲ ପଡ଼ିବା ସହ କୁଣ୍ଡେଇ ମଧ୍ୟ ହୋଇପାରେ । ଆଜ୍‌ମା ବା ଶ୍ୱାସ ରୋଗୀମାନେ ଏହି ଋତୁରେ ବିଶେଷ ସମ୍ବେଦନଶୀଳ ଅଟନ୍ତି; ଧୂଳିକଣା ଏବଂ ଭାଇରାଲ୍ ସଂକ୍ରମଣ କାଶ, ଶ୍ୱାସକ୍ରିୟା କିମ୍ବା ନିଶ୍ୱାସ ନେବାରେ ଅସୁବିଧା ସୃଷ୍ଟି କରିପାରେ ।

ଥଣ୍ଡାଜ୍ୱର ଓ ପେଟ ସଂକ୍ରମଣ ଭୟ

ଭାଇରାଲ୍ ଥଣ୍ଡା ଏବଂ ଫ୍ଲୁ ବା ଥଣ୍ଡା ଜ୍ୱର ପରି ରୋଗ ମଧ୍ୟ ବାରମ୍ବାର ଏହି ଋତୁରେ ଦେଖାଯାଏ । ଯଦିଓ ଏହି ସଂକ୍ରମଣଗୁଡ଼ିକ ମଧ୍ୟରୁ ଅଧିକାଂଶ ସାମାନ୍ୟ ଏବଂ କିଛି ଦିନ ମଧ୍ୟରେ ଭଲ ହୋଇଯାଏ, କିନ୍ତୁ ଯଦି ଲକ୍ଷଣ ଜାରି ରହେ ତାହେଲେ ସେଗୁଡ଼ିକ ବେଳେବେଳେ କାନ ସଂକ୍ରମଣ କିମ୍ବା ସାଇନସ୍ ସଂକ୍ରମଣର କାରଣ ହୋଇପାରେ । ଦୂଷିତ ଖାଦ୍ୟ କିମ୍ବା ହାତର ପରିଷ୍କାର ପରିଚ୍ଛନ୍ନତା ନ କରିବା ହେତୁ ପେଟ ସଂକ୍ରମଣ ହୋଇପାରେ । ଏହା ବାନ୍ତି କିମ୍ବା ତରଳ ଝାଡ଼ାର କାରଣ ହୋଇପାରେ । ସେହିପରି ତାପମାତ୍ରା ବୃଦ୍ଧି ପାଇବା ସହିତ ଚର୍ମ ସମସ୍ୟା ଯେପରିକି ଉତ୍ତାପ ଜନିତ କୁଣ୍ଡିଆ, କବକ ସଂକ୍ରମଣ ଏବଂ ପୋକ କାମୁଡ଼ା ପ୍ରତିକ୍ରିୟା ମଧ୍ୟ ସାଧାରଣତଃ ଦେଖାଯାଏ ।

ଲକ୍ଷଣକୁ ଅଣଦେଖା କରିବା ଅନୁଚିତ

ଘରେ ବିଶ୍ରାମ ନେବା, ତରଳ ପଦାର୍ଥ ଏବଂ ସହାୟକ ଯତ୍ନ ସହିତ ଅଧିକାଂଶ ଋତୁକାଳୀନ ରୋଗ ପରିଚାଳନା କରାଯାଇଥାଏ । ଏହା ସହିତ ପିତାମାତାମାନେ ପିଲାର ଶାରୀରିକ ଲକ୍ଷଣ ନଜର ରଖି ଡାକ୍ତରୀ ଯତ୍ନ ଯୋଗାଇବା ଆବଶ୍ୟକ କରେ । ଏଗୁଡ଼ିକ ମଧ୍ୟରେ ନିରନ୍ତର ଅତ୍ୟଧିକ ଜ୍ୱର, ଦ୍ରୁତ କିମ୍ବା ନିଶ୍ୱାସ ନେବାରେ କଷ୍ଟ, ବାରମ୍ବାର ବାନ୍ତି, ତରଳ ପଦାର୍ଥ ପିଇବାକୁ ଇଚ୍ଛା ନ ହେବା, ପରିସ୍ରା କମିଯିବା, ଅସ୍ୱାଭାବିକ ନିଦ୍ରା, ଅପସ୍ମାର, ଜ୍ୱର ସହିତ ଜଡ଼ିତ ଦାଗ କିମ୍ବା ପ୍ରବଳ ଆଖି ଯନ୍ତ୍ରଣା ଅନ୍ତର୍ଭୁକ୍ତ । ଡାକ୍ତରଙ୍କ ସହ ଶୀଘ୍ର ପରାମର୍ଶ କରିବା ଦ୍ୱାରା ଜଟିଳତାକୁ ରୋକାଯାଇପାରେ । ଡାକ୍ତରୀ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ ବ୍ୟବହାର ନ କରିବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ, କାରଣ ଅନେକ ବସନ୍ତକାଳୀନ ସଂକ୍ରମଣ ଭାଇରାଲ୍ ହୋଇଥାଏ ଏବଂ ଆଣ୍ଟିବାୟୋଟିକ୍ ଚିକିତ୍ସାରୁ ଭଲ ହୁଏ ନାହିଁ । ଅନାବଶ୍ୟକ ଆଣ୍ଟିବାୟୋଟିକ୍ ବ୍ୟବହାର ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଆଣ୍ଟିବାୟୋଟିକ୍ ପ୍ରତିରୋଧ ହୋଇପାରେ ।

ପିଲାଙ୍କ ପାଇଁ ଘାତକ

ବସନ୍ତ ଋତୁରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପିଲାମାନେ କିଛି ସ୍ୱାସ୍ଥ୍ୟ ସମସ୍ୟାରେ ଆକ୍ରାନ୍ତ ହୋଇଥାନ୍ତି । ହଠାତ୍ ତାପମାତ୍ରା ପରିବର୍ତ୍ତନ, ଧୂଳିକଣା, ଧୂଳି ଏବଂ ଅନ୍ୟାନ୍ୟ ପରିବେଶ ଆଲର୍ଜେନର ସଂସ୍ପର୍ଶରେ ଆସିବା ଦ୍ୱାରା ଶ୍ୱାସକ୍ରିୟା ଏବଂ ଆଲର୍ଜି ଲକ୍ଷଣରେ ଦେଖାଦେଇଥାଏ । ଏହି ସମୟରେ ପିଲାମାନେ ବାହାରେ ଅଧିକ ସମୟ ବିତାଇଥା'ନ୍ତି । ବିଦ୍ୟାଳୟ ଏବଂ ଖେଳ ପଡ଼ିଆରେ ଅନ୍ୟମାନଙ୍କ ସଂସ୍ପର୍ଶରେ ଅଧିକ ଆସୁଥିବାରୁ ଏହା ସାଧାରଣ ସଂକ୍ରମଣକୁ ଅଧିକ ସହଜରେ ବ୍ୟାପିବାରେ ସହାୟକ ହୁଏ । ଏଥିପ୍ରତି ପିତାମାତା ଅଧିକ ଧ୍ୟାନ ଦେବା ଆବଶ୍ୟକ ।

ପ୍ରତିଷେଧକ ବ୍ୟବସ୍ଥା

ପିଲାମାନଙ୍କୁ ବାରମ୍ବାର ହାତ ଧୋଇବାକୁ, ସ୍ୱଚ୍ଛ ପାଣି ପିଇବାକୁ ଏବଂ ସତେଜ ପ୍ରସ୍ତୁତ, ପୁଷ୍ଟିକର ଭୋଜନ ଖାଇବାକୁ ଉତ୍ସାହିତ କରନ୍ତୁ । ନିଶ୍ଚିତ କରନ୍ତୁ ଯେ ସେମାନେ ଗରମ ଦିନରେ ଭଲଭାବେ ହାଇଡ୍ରେଟେଡ୍ ରୁହନ୍ତି । ଆଲର୍ଜେନର ସଂସ୍ପର୍ଶରେ ଆସିବାକୁ ସୀମିତ କରିବା ଏବଂ ପରିଷ୍କାର ଇନଡୋର ସ୍ଥାନ ବଜାୟ ରଖିବା - ଆଲର୍ଜି ଲକ୍ଷଣକୁ ହ୍ରାସ କରିପାରେ । ଆଜମା ଥିବା ପିଲାମାନେ ସୁସ୍ଥ ଅନୁଭବ କରୁଥିଲେ ମଧ୍ୟ ନିୟମିତ ଭାବରେ ସେମାନଙ୍କର ନିର୍ଦ୍ଦିଷ୍ଟ ନିୟନ୍ତ୍ରକ ଔଷଧ ଜାରି ରଖିବା ଉଚିତ୍ । ପିତାମାତାମାନେ ମଧ୍ୟ ଘର ଚାରିପାଖରେ ମଶା ବଂଶବୃଦ୍ଧିକୁ ରୋକିବା ଉଚିତ ଏବଂ ଟୀକାକରଣକୁ ଅପଡେଟ୍ ରଖିବା ଉଚିତ୍ । ସଚେତନତା, ଠିକ୍ ସମୟରେ ଯତ୍ନ ଏବଂ ସରଳ ପ୍ରତିଷେଧକ ପଦକ୍ଷେପ ସହିତ, ପରିବାରମାନେ ପିଲାମାନଙ୍କୁ ସୁସ୍ଥ ରଖିବା ସହ ବସନ୍ତ ଋତୁର ଅନେକ ଲାଭ ଉପଭୋଗ କରିବାରେ ସାହାଯ୍ୟ କରିପାରିବେ । ■

ଶିଶୁ ଅଙ୍କୋଲୋଜି ବିଭାଗ, ଇନଚାର୍ଜ, ସମ୍ ହସପିଟାଲ, ଭୁବନେଶ୍ୱର

ବସନ୍ତ ଋତୁ ପ୍ରକୃତି ପାଇଁ ସୁନ୍ଦର ହୋଇଥିଲେ ମଧ୍ୟ, ଶୀତର ବିଦାୟ ଏବଂ ଗ୍ରୀଷ୍ମର ଆଗମନ ସମୟରେ ପାଣିପାଗର ପରିବର୍ତ୍ତନ ଆମ ସ୍ୱାସ୍ଥ୍ୟ ପାଇଁ ଅନେକ ଚ୍ୟାଲେଞ୍ଜ ସୃଷ୍ଟି କରେ । ଭାରତରେ ଏହି ସମୟରେ ବିଭିନ୍ନ ଭୂତାଣୁ, ଜୀବାଣୁ ଏବଂ କୀଟପତଙ୍ଗ ସକ୍ରିୟ ହୋଇ ଉଠନ୍ତି । ଏହି ଋତୁରେ ଦେଖାଦେଉଥିବା ପ୍ରମୁଖ ରୋଗଗୁଡ଼ିକର କାରଣ, ଲକ୍ଷଣ ଏବଂ ନିରାକରଣ ବିଷୟରେ ସଚେତନ ହେବା ଏକାନ୍ତ ଆବଶ୍ୟକ ।

ଭୂତାଣୁ ଓ ଜୀବାଣୁଜନିତ ରୋଗ

ଡା. ଭବେଶ ଚନ୍ଦ୍ର ଖଟୁଆ

ଭୂତାଣୁଜନିତ ରୋଗ (ହାଡ଼ଫୁଟି ଏବଂ ମିଳିମିଳା)

ବସନ୍ତ ଋତୁରେ ଇନଫେକ୍ସନ୍ ବହୁତ ଶୀଘ୍ର ବ୍ୟାପିଥାଏ । ହାଡ଼ଫୁଟି (Chickenpox) ଏବଂ ମିଳିମିଳା (Measles) ଭୂତାଣୁ ମାଧ୍ୟମରେ ବ୍ୟାପିଥାଏ । ସଂକ୍ରମିତ ବ୍ୟକ୍ତି କାଶିବା କିମ୍ବା ଛିଙ୍କିବା ଦ୍ୱାରା ଏହା ବାୟୁରେ ମିଶି ସୁସ୍ଥ ଲୋକଙ୍କୁ ବ୍ୟାପେ ।

ଲକ୍ଷଣ : ହାଡ଼ଫୁଟି ଏବଂ ମିଳିମିଳା ହେଲେ ଶରୀରରେ ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ । ପ୍ରବଳ ଜ୍ୱର, ଦେହ ଘୋଳାବିନ୍ଧା, ଦୁର୍ବଳ ଲାଗିବା ଏବଂ ଶରୀରରେ ଛୋଟ ଛୋଟ ନାଲି ରଙ୍ଗର ଫୋଟକା ବାହାରି କୁଣ୍ଡାଇ ହେବା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ ।

ପ୍ରତିକାର : ଭିଡ଼ ସ୍ଥାନକୁ ଗଲେ ମାସ୍କ ପିନ୍ଧିବା ଜରୁରି, ଯାହା ଏହିସବୁ ଭୂତାଣୁ ସଂକ୍ରମଣରୁ ରକ୍ଷା କରିବ । ପିଲାମାନଙ୍କୁ ଠିକ୍ ସମୟରେ ଟିକା ଦିଅନ୍ତୁ । ଯଦି ପରିବାରରେ କେହି ଉପରୋକ୍ତ ରୋଗରେ ପୀଡ଼ିତ, ତେବେ ତାଙ୍କୁ ଏକ ଅଲଗା କୋଠରୀରେ ରଖନ୍ତୁ ଏବଂ ତାଙ୍କର ଲୁଗାପଟା ତଥା ବାସନକୁସନ ଅଲଗା କରନ୍ତୁ ।

ଶ୍ୱାସକ୍ରିୟା ଜନିତ ସମସ୍ୟା ଏବଂ ଆଲର୍ଜି

ବସନ୍ତ ଋତୁରେ ଗଛରେ ନୂଆ ଫୁଲ ଫୁଟିବା ସହ ବାୟୁମଣ୍ଡଳରେ ପରାଗ (Pollen) ଏବଂ ଧୂଳିକଣାର ମାତ୍ରା ବଢ଼ିଯାଏ । ବାୟୁରେ ଉଡୁଥିବା ପରାଗ ଏବଂ ଧୂଳି ମନୁଷ୍ୟର ଶ୍ୱାସ ନଳୀ ଏବଂ ଆଖିରେ ପ୍ରବେଶ କରିବା ଦ୍ୱାରା ଋତୁକାଳୀନ ଆଲର୍ଜି (Seasonal Allergy), ଆଜମା ବଢ଼ିଯିବା (Asthma exacerbation) ଏବଂ ଆଲର୍ଜିକ୍ କଞ୍ଜଙ୍କ୍ଟିଭାଇଟିସ୍ ବା ଆଖି ଧରିବା ଭଳି ସମସ୍ୟା ସୃଷ୍ଟି ହୁଏ ।

ଲକ୍ଷଣ : ଲଗାତାର ଛିଙ୍କ ହେବା, ନାକରୁ ପାଣି ବୋହିବା, ଆଜମା ରୋଗୀଙ୍କର ନିଶ୍ୱାସ ନେବାରେ କଷ୍ଟ ହେବା ସହ ଛାତି ଦରଜ ହେବା । ଆଖି ଧରିଲେ ଆଖି ନାଲି ପଡ଼ିଯିବା, କୁଣ୍ଡାଇ ହେବା ଏବଂ ପାଣି ବୋହିବା ଆଦି ଲକ୍ଷଣ ଦେଖାଯାଏ ।

ପ୍ରତିକାର : ଘରୁ ବାହାରକୁ ଗଲାବେଳେ ନିଶ୍ଚିତ ଭାବରେ ଏକ ଭଲ ଗୁଣବତ୍ତାର ମାସ୍କ (Mask) ପିନ୍ଧନ୍ତୁ । ମାସ୍କ ଆପଣଙ୍କ ନାକ ଏବଂ ପାଟିକୁ ଧୂଳି ତଥା ପରାଗରୁ ସିଧାସଳଖ ସୁରକ୍ଷା ଦେଇଥାଏ । ଆଖି ପାଇଁ ଚଷମା ବ୍ୟବହାର କରନ୍ତୁ ଏବଂ ଆଜମା ରୋଗୀମାନେ ନିଜର ଇନ୍‌ହେଲର୍ (Inhaler) ସବୁବେଳେ ପାଖରେ ରଖନ୍ତୁ ।

କୀଟପତଙ୍ଗ ଏବଂ ମଶା ବାହିତ ରୋଗ

ବସନ୍ତ ଋତୁରେ ତାପମାତ୍ରା ବଢ଼ିଲେ ମଶା ଏବଂ ଅନ୍ୟାନ୍ୟ କୀଟପତଙ୍ଗମାନେ ଅଧିକ ସକ୍ରିୟ ହୋଇଯାଆନ୍ତି । ଡେଙ୍ଗୁ ଏବଂ ମ୍ୟାଲେରିଆ ଯଥାକ୍ରମେ ଏଡିସ୍ ଏବଂ ଆନୋଫେଲିସ୍ ମଶା କାମୁଡ଼ିବା ଦ୍ୱାରା ହୁଏ । ଶୀତ ଦିନ ପରେ ତାପମାତ୍ରା ବଢ଼ିଲେ ମଶାମାନଙ୍କର ବଂଶବୃଦ୍ଧି ଅତ୍ୟଧିକ ମାତ୍ରାରେ ହୋଇଥାଏ । ବସନ୍ତ ଋତୁରେ ଅକାଳ ବର୍ଷା କିମ୍ବା ଘର ଆଖପାଖରେ ଜମି ରହିଥିବା ସଫା ପାଣିରେ ଏଡିସ୍ (Aedes) ମଶା ଅଣ୍ଡା ଦିଅନ୍ତି, ଯାହା ଡେଙ୍ଗୁ ଏବଂ ଚିକେନଗୁନିଆ ବ୍ୟାପିବାର ମୁଖ୍ୟ କାରଣ । ସେହିପରି ଦୂଷିତ ପାଣିରେ ବଂଶବୃଦ୍ଧି କରୁଥିବା ଆନୋଫେଲିସ୍ ମଶା କାମୁଡ଼ିଲେ ମ୍ୟାଲେରିଆ ହୁଏ । ସେହିପରି ମହୁମାଛି (Bee) ଏବଂ ବିରୁଡ଼ି (Wasps) ବସନ୍ତ ଋତୁରେ ଫୁଲ ସଂଗ୍ରହ ପାଇଁ ବାହାରନ୍ତି ଏବଂ ବିପଦ ଅନୁଭବ କଲେ ମଣିଷଙ୍କୁ କାମୁଡ଼ି ଦିଅନ୍ତି ।

ଲକ୍ଷଣ : ଡେଙ୍ଗୁ ଓ ମ୍ୟାଲେରିଆରେ ପ୍ରବଳ ଜ୍ୱର ସହ ଗଣ୍ଠି ବିନ୍ଧା ହୁଏ । ମହୁମାଛି କିମ୍ବା ବିରୁଡ଼ି କାମୁଡ଼ିଲେ ଚର୍ମ ଫୁଲିଯାଏ, ପ୍ରବଳ ଯନ୍ତ୍ରଣା ହୁଏ ଏବଂ କିଛି ଲୋକଙ୍କ କ୍ଷେତ୍ରରେ ନିଶ୍ୱାସ ନେବାରେ କଷ୍ଟ ଭଳି ଗୁରୁତର ଆଲର୍ଜି ମଧ୍ୟ ଦେଖାଦିଏ ।

ପ୍ରତିକାର : ଘରର ଅଗଣା, ଛାତ, ଭଙ୍ଗା ପାତ୍ର, ଟାୟାର, କୁଲର୍ କିମ୍ବା ଫୁଲ କୁଣ୍ଡରେ ଜମିଥିବା ପାଣିକୁ ତୁରନ୍ତ ସଫା କରନ୍ତୁ ଏବଂ ଦିନ ହେଉ କିମ୍ବା ରାତିରେ ମଶାରି ବ୍ୟବହାର କରନ୍ତୁ । ବଗିଚା କିମ୍ବା ବୁଦାଳିଆ ସ୍ଥାନକୁ ଗଲେ ପୂରା ହାତ ଓ ଗୋଡ଼ ଘୋଡ଼ାଇ ରଖୁଥିବା ପୋଷାକ ପିନ୍ଧନ୍ତୁ । ମହୁମାଛି ବସା ଥିବା ସ୍ଥାନରୁ ନିଜକୁ ଏବଂ ପିଲାମାନଙ୍କୁ ଦୂରେଇ ରଖନ୍ତୁ ।

ଜଳ ଏବଂ ଖାଦ୍ୟ ବାହିତ ରୋଗ

ତାପମାତ୍ରା ବୃଦ୍ଧି ହେଲେ ବା ଅତ୍ୟଧିକ ଗରମ ହେଲେ ଜୀବାଣୁ ଶୀଘ୍ର ବଢ଼ନ୍ତି, ଯାହାଦ୍ୱାରା ଖାଦ୍ୟ ଏବଂ ପାଣି ଦୂଷିତ ହୁଏ । ତେଣୁ ଏହି ଦିନରେ ଦୂଷିତ ପାଣି ପିଇବା, ରାସ୍ତା କଡ଼ରେ ବିକ୍ରି ହେଉଥିବା ଖୋଲା ଖାଦ୍ୟ ଏବଂ ଅପରିଷ୍କାର ବରଫ ମିଶା ଜୁସ୍ ପିଇବା ଦ୍ୱାରା ଟାଇଫଏଡ୍, ହେପାଟାଇଟିସ୍ (କାମଳ) ଏବଂ ଝାଡ଼ାବାନ୍ତି ବ୍ୟାପିଥାଏ ।

ଲକ୍ଷଣ : ଲଗାତାର ଝାଡ଼ା ଓ ବାନ୍ତି ହେବା ଯାହା ଫଳରେ ଶରୀରରେ ପାଣି ଅଭାବ (Dehydration) ଦେଖାଯାଏ । ଟାଇଫଏଡ୍ ହେଲେ ଲଗାତାର ଜ୍ୱର ସହ ମୁଣ୍ଡ ବିନ୍ଧେ ଏବଂ କାମଳରେ ଆଖି ଓ ପରିସ୍ରା ହଳଦିଆ ପଡ଼ିଯାଏ ।

ପ୍ରତିକାର : ଜଳ ଏବଂ ଖାଦ୍ୟବାହିତ ରୋଗର ନିରାକରଣ ପାଇଁ ପାଣିକୁ ସର୍ବଦା ଫୁଟାଇ ପିଅନ୍ତୁ । ବାହାରେ ମିଳୁଥିବା ଖୋଲା ଥଣ୍ଡା ଏବଂ ବାସି ଖାଦ୍ୟ ତଥା କଟା ଫଳ ଖାଆନ୍ତୁ ନାହିଁ । ଖାଇବା ପୂର୍ବରୁ ଏବଂ ଶୌଚାଳୟ ଯିବା ପରେ ହାତକୁ ସାବୁନରେ ଭଲଭାବେ ଧୁଅନ୍ତୁ ।

ସାମାନ୍ୟ ସତର୍କତା ଓ ସଚେତନତା ଅବଲମ୍ବନ କଲେ ଆମେ ବସନ୍ତ ଋତୁରେ ହେଉଥିବା ଏହି ସମସ୍ତ ସଂକ୍ରାମକ ରୋଗରୁ ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିପାରିବା । ଯଦି କୌଣସି ପ୍ରକାରର ରୋଗର ଲକ୍ଷଣ ଦେଖାଯାଏ, ତେବେ ଘରୋଇ ଉପଚାର ଉପରେ ନିର୍ଭର ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ■

ସହକାରୀ ପ୍ରାଧ୍ୟାପକ
ମେଡିସିନ୍ ବିଭାଗ, ପିଆର୍‌ଏମ୍ ମେଡିକାଲ୍ କଲେଜ,
ବାରିପଦା, ଜି: ମୟୂରଭଞ୍ଜ

ସନାତନଙ୍କ ପ୍ରସ୍ତାବ ବେଦର ଗାର

ଚମ୍ପୂଆ ମହାରଥୀ ସନାତନ ମହାକୁଡ଼ ସତରେ ପାଓ୍ୱାରଫୁଲ । ଯେଉଁମାନେ ଏ କଥା ମାନୁ ନ ଥିଲେ, ଏବେ ସେମାନେ ଏହାକୁ ମାନିବାକୁ ବାଧ ହୋଇଛନ୍ତି । ବିଧାନସଭାରେ ଶାସକ ଦଳର ଅନେକ ବିଧାୟକ ବିଭିନ୍ନ ଦାବି କରୁଛନ୍ତି । ମାତ୍ର ସରକାର ମାତ୍ର ଦୁଇଜଣ କଥାକୁ ଅତି ଗୁରୁତ୍ୱ ଦେଇ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରିଥିବା ଦେଖାଯାଇଛି । ଆସ୍କା ପାଢ଼ୀ ଓରଫ୍ ସରୋଜ ପାଢ଼ୀ ଜୁଆଡ଼ିଙ୍କ ପାଇଁ ବିଧାନସଭାରେ ଯୁକ୍ତି କଲେ, ଗଞ୍ଜାମ ଜିଲ୍ଲାରେ ଜୁଆ ଏକ ପାରମ୍ପରିକ କ୍ରୀଡ଼ା ଓ ଜୁଆଡ଼ିଙ୍କୁ ଜେଲ ପଠାଇବା ଅନୁଚିତ୍ ବୋଲି କହିଲେ । ସରକାର ତାହାକୁ ମାନିଲେ ଓ ଜୁଆ ଖେଳିଲେ ଜେଲ ଯିବା ପରିବର୍ତ୍ତେ କେବଳ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ ବୋଲି ନିୟମ କଲେ । ସେମିତି କାଚ ବୋତଲରେ ମଦ ବିକ୍ରି ହେଉଥିବାରୁ ତାହା ଅନେକ ସମୟରେ ଲୋକଙ୍କ ସମସ୍ୟା ହେଉଥିବାରୁ ଏହା ପରିବର୍ତ୍ତେ କାଗଜ ପ୍ୟାକରେ ମୃଦୁ ପାନୀୟ ପରି ମଦ ବିକ୍ରି ଯୋଜନା ହେଉ ବୋଲି ପ୍ରସ୍ତାବ ଦେଲେ ଚମ୍ପୂଆ ନେତା ସନାତନ । ସରକାରଙ୍କ ମନକୁ କଥାଟା ଭାରି ପାଇଲା । ବଡ଼ ଭାଇ କଥା ନ ପାଇବ ବା କେମିତି? ସରକାର ତତ୍‌କ୍ଷଣାତ୍ ଟେଟ୍ରା ପ୍ୟାକ୍ (କାଗଜ ପ୍ୟାକ)ରେ ମଦ ବିକ୍ରି ପାଇଁ ବ୍ୟବସ୍ଥା କରିଦେଲେ । ସନାତନ ବାବୁ ଏକ ସମୟରେ ଅନେକ ସମସ୍ୟାର ସେ ସମାଧାନ କରିବାକୁ ସକ୍ଷମ ହେଲେ । ମଦୁଆଙ୍କ ସମସ୍ୟା ଦୂର ହେଲା, ସରକାର ବି ଅଧିକ ରାଜସ୍ୱ ପାଇବେ । ଏପଟେ କାଗଜ ପ୍ୟାକ୍ ପରିବହନରେ ସମସ୍ୟା ନାହିଁକି ଭାଙ୍ଗିବାର ଆଶଙ୍କା ନାହିଁ, ଏପରିକି ବହି ବ୍ୟାଗ ଭିତରେ ବି ସ୍କୁଲକୁ ନେବାରେ ବି ସମସ୍ୟ ନାହିଁ । ମାତ୍ର ନିନ୍ଦୁକ ମାନେ ଏ କଥା ସହି ପାରୁନାହାନ୍ତି; ନଷ୍ଟସ୍ୟ କାନ୍ୟା ଗତି ବୋଲି ସରକାରଙ୍କୁ ଛିଗୁଲେଉଛନ୍ତି । ■

ମହାରାଜାଙ୍କୁ 'ଆଳୁ' ଅଡୁଆ

ବର୍ଷ ଦି'ଟା ହୋଇ ନାହିଁ । ରାଜ୍ୟର ଅନେକ ନେତାଙ୍କ ସମ୍ପତ୍ତି କାହାଣୀ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । କିଏ ଗୁରୁଗାଓଁରେ ଘର କିଣିଥିବା କୁହାଯାଉଛି ତ ପୁରୀ ବେଳାଭୂମିରେ ପାଶ୍ୱର୍ରେ କିଏ ପୁଣି ହୋଟେଲ କିଣିଲାଣି । ଜାତୀୟ ରାଜପଥରେ ପବନ ଚିରି କିଏ ପୁଣି ଗଡ଼ାଇଲାଣି ଉଚ୍ଚା ଉଚ୍ଚା ସ୍ପିପର ବସ୍ । କିଏ ପୁଣି ପଚାଶ ଏକର ଜଙ୍ଗଲ ମାଡ଼ି ବସିଲାଣି ତ କିଏ ପାହାଡ଼ କବ୍‌ଜା କରିନେଲାଣି । ଏମିତି ସମୟରେ ଯେଉଁମାନେ ବ୍ଲକ୍ ଓ ତହସିଲରେ ପିସି ଚାଲୁଥିବା କହୁଥିଲେ; ଏବେ ତାଙ୍କରି ସରକାରରେ ଲୋକସେବା ଭବନର ପେନସିଲ୍, କଲମ ଓ ବୈଠକ ପାଇଁ କାଜୁକିଶାରେ ପିସି ଚାଲିଥିବା କଥା ରାଜଧାନୀରେ ଚର୍ଚ୍ଚା ହେଲାଣି । ଆଉ ମୋହନ ସରକାରଙ୍କ ମନ୍ତ୍ରୀ ମାନେ ତ ସମସ୍ତେ ନିଜ ହାତରେ ଚଉଦା ପା' । ସେମାନଙ୍କ କଥା କହିବ କିଏ ? ଦୁଇ ଚାରିଜଣଙ୍କୁ ଛାଡ଼ିଦେଲେ, କଥା କହିବା ବେଳେ ଅନ୍ୟମାନଙ୍କ ତୁଣ୍ଡରେ ତ ବାଟୁଳି ବାଜୁନାହିଁ । ବିବାଦ ସୃଷ୍ଟି କରି ସରକାରଙ୍କୁ ଅଡୁଆରେ ପକାଇବାକୁ ଆଳୁ ଯୋଗାଣ ମନ୍ତ୍ରୀ ବାବୁ କୃଷ୍ଣଚନ୍ଦ୍ର ଓ ଆଳୁ ଉତ୍ପାଦନ କରୁଥିବା କୃଷି ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ତ ପ୍ରତିଯୋଗିତା ଚଳାଇଛନ୍ତି । ସରକାରକୁ ଆସିଲେ ପଦ୍ମ ସରକାର ବଲାଙ୍ଗୀର, ବାରିପଦା ଓ ଜୟପୁରରେ ଗୋଟେ ଗୋଟେ କୃଷି ମହାବିଦ୍ୟାଳୟ ହେବ ବୋଲି କୁହାଯାଉଥିଲା । ଏବେ ତାହାର ସୋରଶବ୍ଦ ଶୁଭୁନାହିଁ ; ମାତ୍ର ଆଳୁ କଥା ପଚାରିଲେ ମହାରାଜା କୁଆଡ଼େ ରାଗି ଯାଉଛନ୍ତି । କେତେ ବିହନ ସରକାର ବାଣ୍ଟିଲେ, ସେ କଥା ମହାରାଜାଙ୍କ ଉତ୍ତର ଖାତାରେ ଅଛି; କିନ୍ତୁ ବଣ୍ଟା ହୋଇଥିବା ବିହନରୁ କେତେ ଆଳୁ ଚାଷୀ ଉତ୍ପାଦନ କଲେ, ସେ ତଥ୍ୟ ମିଳୁନାହିଁ । ଅବଶ୍ୟ ମନ୍ତ୍ରୀଙ୍କର କି ଦୋଷ? ତାଙ୍କ ନାଁରେ କିଏ କେତେ ଉପୁରି ଗୋଟାଉଛନ୍ତି, ସିଏ ଜାଣି ପାରୁନାହାନ୍ତି । ଆଉ ଆମ ପରି ସେ କ'ଣ ବଜାରରୁ ଆଳୁ କିଣୁଛନ୍ତି ଯେ ଏହାର ମୂଲ୍ୟ ବୁଝିବେ ? ■

ବିଜେପି ବନ୍ଧୁକ, କଂଗ୍ରେସ କାନ୍ଧ !

ମାଷ୍ଟରକ୍ୟାଣ୍ଟିନ ହାତ ମଠ ଗଲା ତିନି ଦଶନ୍ଧି ମଧ୍ୟରେ ଅନେକ ମହନ୍ତ ଦେଖିଲାଣି । ମ୍ୟୁଜିକ୍ ଚେୟାର ପରି ମଠ ମହନ୍ତ ବାର ଥର ବଦଳିଲେଣି; କିଏ ଦୁଇଥର ତ କିଏ ପୁଣି ତିନିଥର ମହନ୍ତ ପଗଡ଼ି ଭିଡ଼ିଛନ୍ତି । ବାସ୍ତୁ ଦୋଷ ଦୂର ପାଇଁ ମଠ ଦୁଆର ଅନେକ ବାର ଭଙ୍ଗାଗଢ଼ା ହେଲାଣି, ତଥାପି ମଠ ଭାଗ୍ୟ ବଦଳୁ ନାହିଁ । ରାଜ୍ୟରେ ହାତ ଦଳକୁ ଯେମିତି କାହାର ନଜର ଲାଗି ଯାଇଥିବା ମନେ ହେଉଛି । ଗଲା ନିର୍ବାଚନରେ ଦଳର ଆସନ ସଂଖ୍ୟା ୯ ରୁ ୧୪କୁ ବଢ଼ିଲା । ଦଳର କର୍ମୀମାନେ ଭାବିଲେ, ଏଥର କିଛି ଗୋଟାଏ ହେବ । ନେତାମାନେ ଏକାଠି ହୋଇ ଦଳକୁ କ୍ଷମତାକୁ ଆଣିବେ । ମାତ୍ର କଙ୍କଡ଼ା ଦୋଷରେ ପୀଡ଼ିତ ହାତ ନେତାଙ୍କ ଚୈତନ୍ୟୋଦୟ ଏଯାଏ ହେଲା ନାହିଁ । ବିଧାନସଭାରେ ମାତ୍ର ଚଉଦ ବିଧାୟକ ଯେତେବେଳେ ଏକାଠି ହୋଇ ପାରୁନାହାନ୍ତି; ସେତେବେଳେ ରାଜ୍ୟରେ ଦଳକୁ କ୍ଷମତାକୁ କିପରି ଆସିବ? ଗଲା ବିଧାନସଭା ଅଧିବେଶନ ଦିନଠାରୁ ବିରୋଧୀ ବିଜେଡି ଓ କଂଗ୍ରେସ ଚାଷୀ ପ୍ରସଙ୍ଗ, ଧାନ ମଣ୍ଡି ସମସ୍ୟାକୁ ନେଇ ବିଧାନସଭାରେ ଗର୍ଜନ କଲେ । ଗୃହକୁ ଅଚଳ କରି ସରକାରଙ୍କୁ ବିବଶ କରିଦେଲେ, ମାତ୍ର ଠିକ୍ ଏହି ସମୟରେ ଅର୍ଦ୍ଧାଧିକ ବିଧାୟକଙ୍କୁ ଅନ୍ଧାରରେ ରଖି ଚାଷୀ ପ୍ରସଙ୍ଗକୁ ନେଇ ଦଳ ମୁଲତବୀ ପ୍ରସ୍ତାବ ଆଣିବା ଓ ସେହି ଆଲୋଚନାରେ ହାତ ଦଳର କିଛି ବିଧାୟକ ଭାଗ ନେବା ଅନେକଙ୍କୁ ଚକିତ କରିଛି । ଶାସକ ଦଳ ଏପରି ସୁବର୍ଣ୍ଣ ସୁଯୋଗ ବି ହାତଛଡ଼ା କରିବ କାହିଁକି? କଂଗ୍ରେସ କାନ୍ଧରେ ବନ୍ଧୁକ ରଖି ଶାସକ ବିଜେପି ବିଧାନସଭାରେ ଯେଉଁ ଗୁଳି ମାରିଛି, ସେଥିରେ ହାତ ଦଳର ଅଧେ ବିଧାୟକଙ୍କ ଅବସ୍ଥା ଘାଇଲା । ହେଲେ ଏ କଥା ସେମାନେ କହିବେ କାହାକୁ? ଆପଣା ସୁନା ତ ଭେଣ୍ଡି... । ■

ଷଡ଼ଙ୍ଗୀଙ୍କ ପଥରେ ଯତୀନ କଣ୍ଟା

ପଦ୍ମ ଦଳର ବେଗୁନିଆ ବାଡ଼ ଏବେ କୁଆଡ଼େ ଯତୀନ କଣ୍ଟାରେ ପୂରି ଗଲାଣି । ଗଲା ଭୋଟ ବେଳକୁ ପଦ୍ମ ଜିଲ୍ଲା ସଭାପତି, ସାଂସଦ, ବେଗୁନିଆର ପୂର୍ବତନ ବିଧାୟକ ଫାଉଡ଼ା କୋଦାଳ ଧରି ସବୁ କଣ୍ଟା ଗଛକୁ ପଦା କରି ଦେଇଥିଲେ । ଭବିଷ୍ୟତରେ ସଂସଦ ପରିବର୍ତ୍ତେ ବିଧାନସଭା ପାଇଁ ବେଗୁନିଆରେ ନିଜର ଆସ୍ଥାନ ଜମାଇବାକୁ ଗଣେଶ-ରଶ୍ମୀଙ୍କ ସହାୟତାରେ ଷଡ଼ଙ୍ଗୀ ମ୍ୟାଡ଼ାମ ବି ଯୋଜନା କରିଥିଲେ । ସବୁ କିଛି ସୁରୁଖୁରୁରେ ଚାଲିଥିଲା, ମାତ୍ର ଦେଢ଼ଟା ବର୍ଷ ଭିତରେ ଏବେ ପରିସ୍ଥିତି ପୁରା ଓଲଟା । ସାଂସଦଙ୍କ ବେଗୁନିଆ ପ୍ରତିନିଧି ଓ ଜିଲ୍ଲା ସଭାପତି ତ ଦୂରର କଥା; ଖୋଦ୍ ଷଡ଼ଙ୍ଗୀ ମ୍ୟାଡ଼ାମ୍‌ଙ୍କ କଥା ବି କୁଆଡ଼େ ସ୍ଥାନୀୟ ପ୍ରଶାସନ ଶୁଣୁନାହିଁ । ଯତୀନଙ୍କ ବାକ୍ୟ ବ୍ଲକ୍ ପ୍ରଶାସନ ପାଇଁ ବେଦର ଗାର ଓ ସେ ବେଗୁନିଆରେ ଯାହା ଚାହିଁବେ ତାହା ହିଁ ହେବ । ଏଥିପାଇଁ କୁଆଡ଼େ ସରକାର ଓ ଦଳର ଅଲିଖିତ ନିର୍ଦ୍ଦେଶ ଥିବା ଜଣେ ଅଧିକାରୀ କହିଥିବା ଆମ କାନରେ ବାଜିଛି । ମାତ୍ର ଯେଉଁ ଯତୀନଙ୍କୁ ଗଲା ନିର୍ବାଚନ ସମୟରେ ଦଳ ଟିକଟ ଦେଲା ନାହିଁ; ସେ ଏପରି ଶକ୍ତିଶାଳୀ କିପରି ହେଲେ ଓ ସାଂସଦଙ୍କୁ ଚାଲେଞ୍ଜ କରିବା ପରି ଶକ୍ତି କେଉଁ ଅଦୃଶ୍ୟ ଉତ୍ସରୁ ପାଇଲେ, ତାହା ବେଗୁନିଆ ପଦ୍ମ ଦଳର କର୍ମୀ ବୁଝି ପାରୁ ନାହାନ୍ତି । ବେଗୁନିଆରେ ଯତୀନଙ୍କ ଅଭ୍ୟୁଦୟ ପଦ୍ମ ଶିବିରର କିଛି ନେତାଙ୍କ ପାଇଁ ଭାରି ପୀଡ଼ା ଦାୟକ ହୋଇଥିବା କୁହାଯାଉଥିବା ବେଳେ ଏହା ସାଂସଦଙ୍କ ପାଇଁ ଆଗାମୀ ଦିନରେ ଅଡୁଆ ସୃଷ୍ଟି କରିପାରେ ବୋଲି ଅନେକ ମନେ କରୁଛନ୍ତି । ମାତ୍ର ଝଡ଼ ପୂର୍ବରୁ ଗଛ ପତ୍ର ନିଶ୍ଚଳ ହୋଇଯିବା ପରି ଷଡ଼ଙ୍ଗୀ ମ୍ୟାଡ଼ାମ ଏହି ପ୍ରସଙ୍ଗରେ ରହସ୍ୟମୟ ଭାବରେ ନିରବ । ଏହାର ପରିଣାମ ଯତୀନ ବାବୁ ବୁଝି ପାରୁଛନ୍ତି ତ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।